



# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS
RNI Regn No- ODIODI/2014/57766.


Vol.11 . No.86 Bhubaneswar, Tuesday, December 02, 2024 ବର୍ଷ- ୧୧ ସଂଖ୍ୟା-୮୬ ଭୁବନେଶ୍ୱର ସୋମବାର, ଡ଼ିସେମ୍ବର ୦୨.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-


## ସୁରକ୍ଷାକର୍ମୀଙ୍କ ଗୁଳିରେ ୭ ମାଓବାଦୀ ସଫା



ନୂଆଦିଲ୍ଲୀ, ୦୧/୧୨ : ତେଲଙ୍ଗାନା ପୁଲିସକୁ ମିଳିଲା ବଡ଼ ସଫଳତା। ଏନ୍‌କାଉଣ୍ଟରରେ ଟଳିଲେ ୭ ମାଓବାଦୀ। ମୁଲୁଗୁ ଜିଲ୍ଲା ଏତୁରଙ୍ଗାରମ ଜଙ୍ଗଲରେ ଏହି ଏନ୍‌କାଉଣ୍ଟର ହୋଇଛି। ମୁଲୁଗୁ ଏସ୍‌ପି ଡକ୍ଟର ସବାରିଶ ଏହି ସୂଚନା ଦେଇଛନ୍ତି। ପୁଲିସ ସୂଚନା ମୁତାବକ, ଆଜି ସକାଳୁ ଏହି ଏନ୍‌କାଉଣ୍ଟର ହୋଇଛି। ମୁଲୁଗୁ ଜିଲ୍ଲାର ଏତୁରଙ୍ଗାରମ ମଣ୍ଡଳର ଚଲପାକା ଜଙ୍ଗଲରେ ତେଲେଙ୍ଗାନା ପୁଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଏନକାଉଣ୍ଟରରେ ୟେଲାଣ୍ଡୁ-ନରସମ୍ପେଟ୍ ଅଞ୍ଚଳର ଅଞ୍ଚଳର କମିଟି କମାଣ୍ଡର ବଦ୍ଦୁ ଓରଫ ପାପନ୍ନା ନିହତ ହୋଇଥିବା ସୂଚନା ମିଳିଛି। ତେବେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କିଛି ନିଶ୍ଚିତ ହୋଇନାହିଁ। ଏହି ଏନକାଉଣ୍ଟର ସମ୍ପର୍କରେ ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଦେଇନାହିଁ। କହିରଖୁ ଯେ, ଏହା ପୂର୍ବରୁ ସେପ୍ଟେମ୍ବର ମାସରେ ତେଲଙ୍ଗାନାର ଭଦ୍ରାଦ୍ରି କୋଠାଗୁଡେମ ଅଞ୍ଚଳରେ ତେଲେଙ୍ଗାନା ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ୬ ଜଣ ମାଓବାଦୀ ନିହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ମଧ୍ୟ ଥିଲେ। ସେହିପରି ଦୁଇ ଜଣ ପୁଲିସକର୍ମୀ ଆହତ ମଧ୍ୟ ହୋଇଥିଲେ।

## ଚଳିତ ଆର୍ଥିକ ବର୍ଷରୁ ଲାଗୁ ହେବ ଆୟୁଷ୍ମାନ୍ ଭାରତ




ଭୁବନେଶ୍ୱର,୦୧/୧୨: ରାଜ୍ୟରେ ଖୁବ୍ ଶୀଘ୍ର ଲାଗୁ ହେବ ଆୟୁଷ୍ମାନ୍ ଭାରତ। ଚଳିତ ଆର୍ଥିକ ବର୍ଷରୁ ଓଡିଶାରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ ହେବ। ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଖୁବ୍ ଶୀଘ୍ର ଗୋପବନ୍ଧୁ ଆରୋଗ୍ୟ ଯୋଜନା ସହ ଆୟୁଷ୍ମାନ୍ ଭାରତ ଯୋଜନା ମିଳିତ ଭାବରେ ଏମଓୟୁ ସ୍ୱାକ୍ଷର ହେବ। ଏହାସହ ସାଢେ ୩ କୋଟି ଲୋକଙ୍କୁ ସ୍ୱତନ୍ତ୍ର କାର୍ଡ ଯୋଗାଇ ଦିଆଯିବ। ସାରା ଦେଶର ୨୭ ହଜାର ହସ୍ପିଟାଲରେ ଏହି ଯୋଜନାରେ ହିତାଧିକାରୀମାନେ ଚିକିତ୍ସା ପାଇପାରିବେ। ଅନ୍ୟପଟେ ରାଜ୍ୟରେ ଏଡ୍ସ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୩୦ ସୁଦ୍ଧା ଓଡିଶାକୁ ଏଡ୍ସ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ରାଜ୍ୟରେ ୫୦ ହଜାର ଏଡ୍ସ ରୋଗୀ ରହିଥିବାବେଳେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨୦ ହଜାର ଆକ୍ରାନ୍ତ ରହିଛନ୍ତି। ଏବଂ ସୋନପୁରରେ ସର୍ବନିମ୍ନ ୫୦ ଜଣ ଏଡ୍ସ ରୋଗୀ ରହିଥିବା ସୂଚନା ମିଳିଛି।

# ଦିଲ୍ଲୀ ଫେରିଲେ ମୋଦୀ, ଶାହ

ଭୁବନେଶ୍ୱର,୦୧/୧୨: ଭୁବନେଶ୍ୱରରେ ଚାଲିଥିବା ଡିଜିପି ଓ ଆଇଜିପି ସମ୍ମିଳନୀ ଶେଷ ହେବା ପରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ଫେରିଯାଇଛନ୍ତି। ତାଙ୍କ ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବି ନୂଆଦିଲ୍ଲୀ ଫେରିଛନ୍ତି। ସମ୍ମିଳନୀ ସରିବା ପରେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଲୋକସେବା ଭବନରୁ ବାହାରି ବିମାନବନ୍ଦର ଯାଇଥିଲେ। ସେଠାରୁ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଯାଇଥିଲେ। ୩ ଦିନ ଧରି ଲୋକସେବା ଭବନରେ ଡିଜିପି ଓ ଆଇଜିପି ସମ୍ମିଳନୀ ଚାଲିଥିଲା। ରବିବାର ସମ୍ମିଳନୀର ୩ୟ ଦିନ ଥିଲା। ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା, ଆଇନଶୃଙ୍ଖଳା ଦିଗରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଏହା ସହିତ ଅନୁପ୍ରବେଶକାରୀ, ଡିଜିଟାଲ ଆରେଷ୍ଟ, ନିଶାଦ୍ରବ୍ୟ ଚାଲାଣ ଉପରେ ବି ବିଚାରବିମର୍ଶ ହୋଇଥିଲା।



# କଂସ ଭୂମିକାରେ ଅଭିନୟ କରିବେ ଭୁବନେଶ୍ୱର ପ୍ରଧାନ

ଭୁବନେଶ୍ୱର,୦୧/୧୨: ଏଥର ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିବେ ଭୁବନେଶ୍ୱର ପ୍ରଧାନ। ଜୁରୀ ସଦସ୍ୟମାନେ କଂସ ଭୂମିକା ପାଇଁ ତାଙ୍କ ନାଁ ଉପରେ ମାରିଛନ୍ତି ମୋହର। ଉତ୍ତମ ଅଭିନୟ ଓ ଉଚ୍ଚକୋଟୀର ସଂଳାପ ପାଇଁ ଅନ୍ୟ ତିନି ଜଣଙ୍କୁ ପଛରେ ପକାଇ ଭୁବନେଶ୍ୱର ପ୍ରଧାନ ବାଜି ମାରିଛନ୍ତି। ଭୁବନେଶ୍ୱର ପ୍ରଧାନ ପୂର୍ବରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ୫ଥର କଂସ ଭୂମିକାରେ ଅଭିନୟ କରି ସାରିଛନ୍ତି। ଶେଷଥର ପାଇଁ ସେ ୨୦୨୦ରେ କଂସ ମହାରାଜା ଭୂମିକାରେ ଅଭିନୟ କରିଥିଲେ। ଷଷ୍ଠ ଥର ଏହି ଭୂମିକାରେ ଅଭିନୟ କରିବା ପାଇଁ





ସୁଯୋଗ ପାଇବା ପରେ ଭୁବନେଶ୍ୱର ପ୍ରଧାନ କହିଛନ୍ତି, ଏଥର ସୁଯୋଗ ମିଳିଥିବାରୁ ମୁଁ ଆନନ୍ଦିତ ଓ ଗର୍ବିତ। ଧନୁଯାତ୍ରା ପାଇଁ ଆଉ ମାସେ ସମୟ ଅଛି। ନୂତନ ସଂଳାପ, ନୂତନ ଅଭିନୟ ଓ ନୂତନ ପୌରାଣିକ କଥାବସ୍ତୁକୁ ନେଇ ଏଥର କମ୍ପିବ ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା। ଆସନ୍ତା ଜାନୁଆରୀ ୩ ତାରିଖରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ। ଏହା ହେବ ୭୭ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ। ଏହା ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ଦୁଇ ବର୍ଷ ଧରି ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ ହୃଷିକେଶ ଭୋଇ । ସେ ଏ ବର୍ଷ ମଧ୍ୟ ଏହି ଭୂମିକାରେ କରିଥା'ନ୍ତେ। କିନ୍ତୁ ସରକାରୀ ଚାକିରି କରୁଥିବା ହୃଷିକେଶ ଭୋଇ ଲାଞ୍ଚ ନେଇ ନିଲମ୍ବିତ ହେବା ପରେ ତାଙ୍କୁ ଏଥର କଂସ ଭୂମିକାରେ ଅଭିନୟ କରିବାକୁ ଅନୁମତି ଦେବା ଉଚିତ୍ ହେବ ନାହିଁ ବୋଲି କହିଥିଲା ବରଗଡ଼ ଧନୁଯାତ୍ରା କଳାକାର ସମନ୍ୱୟ କମିଟି। ଏହି କମିଟି ସୁପାରିଶ କରିଥିଲା ଯେ, ଯେହେତୁ ତାଙ୍କ (ହୃଷିକେଶ ଭୋଇ) ବିରୋଧରେ ଅଭିଯୋଗ ଆସିଛି ଓ ସେ ଦୋଷ ମୁକ୍ତ ହୋଇନାହାନ୍ତି, ତେଣୁ ଏଥର ସେ ଧନୁଯାତ୍ରାରେ ଅଭିନୟ କଲେ ଏହାର ମର୍ଯ୍ୟାଦା ଓ ଗାରିମା କମିଯାଇପାରେ। ସେ ଦୋଷମୁକ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ଅବ୍ୟାହତି ଦେବାକୁ ସେମାନେ ପ୍ରସ୍ତାବ ଦେଇଥିଲେ। ଆଉ ସେମାନଙ୍କ ସୁପାରିଶକୁ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥିଲା। ଏଥର କେବଳ ଗୋଟିଏ ବର୍ଷ ପାଇଁ କଂସ ଭୂମିକାରେ ଅଭିନୟ କରିବା ପାଇଁ କଳାକାର ବଛା ଯାଇଥିବାରୁ ପୂର୍ବଭଳି ଚୟନ କରାଯାଇନଥିଲା। ୨୦୨୨ କଂସ ଚୟନ ପ୍ରକ୍ରିୟାରେ ଭାଗ ନେଇ ୨ରୁ ୫ ନମ୍ବର ସ୍ଥାନରେ ରହିଥିବା ୪ କଳାକାରଙ୍କୁ ଅଡିସନ ପାଇଁ ଡକା ଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ଭୁବନେଶ୍ୱର ପ୍ରଧାନଙ୍କ ସହିତ ଆର୍ତ୍ତତ୍ରାଣ ସୁନାନୀ, ଜଗଦାନନ୍ଦ ମିଶ୍ର ଓ ସୁଶୀଲ କୁମାର ମେହେର। ହେଲେ ସମସ୍ତଙ୍କୁ ପଛରେ ପକାଇ କଂସ ଭୂମିକାରେ ଅଭିନୟ ପାଇଁ ମନୋନୀତ ହୋଇଛନ୍ତି ବରଗଡ଼ ବ୍ଲକ ସର୍ଲା ଗାଁର ଭୁବନେଶ୍ୱର ପ୍ରଧାନ।

## ୧୨ ଘଣ୍ଟା ଭିତରେ ୫ ଅଭିଯୁକ୍ତ ଗିରଫ

ବରଗଡ଼,୦୧/୧୨: ବରଗଡ଼ ଜିଲ୍ଲା ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଆଜି ଡକାୟତି ଉଦ୍ୟମ ମାମଲା । ୧୨ ଘଣ୍ଟା ଭିତରେ ୧୫ ଅଭିଯୁକ୍ତକୁ ଧରିଲା ପୋଲିସ । ୧ ଦେଶୀ ବନ୍ଧୁକ , ୨ ଟି ଖେଳନା ବନ୍ଧୁକ , ଛୁରୀ , ଭୁଜାଲି ଜବତ । ସୂଚନାଯୋଗ୍ୟ ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଡକାୟତି ଉଦ୍ୟମ ହୋଇଥିଲା । ଜଣେ ଯୁବକଙ୍କୁ ଗିରଫ କରିଥିଲା ପୋଲିସ । ମିଳିଥିବା ସୂଚନା ମୁତାବକ, ବରପାଲିରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ୫ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ପଶିଥିଲେ । ପିସ୍ତଲ ଓ ଛୁରୀ ଦେଖାଇ ବ୍ୟାଙ୍କ ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କୁ ଭୟଭୀତ କରିବା ସହ ବ୍ୟାଙ୍କ ଆକାଉଣ୍ଟର ଚାବି ମାଗିଥିଲେ । ତେବେ ଲୁଟ୍ ପୂର୍ବରୁ କୌଶଳକ୍ରମେ ମ୍ୟାନେଜର ବ୍ୟାଙ୍କର ସାଇରନ ବଜାଇଥିଲେ ।

# କର୍ମଯୋଗୀ ମଡେଲରେ ଆଗଉଛି ଓଡିଶା ଶାସନ

ଭୁବନେଶ୍ୱର,୦୧/୧୨:"କର୍ମଚାରୀରୁ କର୍ମଯୋଗୀ ପର୍ଯ୍ୟନ୍ତ" ଟ୍ୟାଗ୍ ଲାଇନରେ କଏଦ ହୋଇଥିବା ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ରାଜ୍ୟରେ ମିଶନ କର୍ମଯୋଗୀ କାର୍ଯ୍ୟକଳାପରେ ଓଡ଼ିଶାର ସକ୍ରିୟ ଅଂଶଗ୍ରହଣ ସହିତ ଗଭୀର ଭାବରେ ପ୍ରତିଫଳିତ ହୋଇଛି । ୨୦୨୪ ନଭେମ୍ବର ଶେଷ ସୁଦ୍ଧା ଓଡ଼ିଶା ସରକାରଙ୍କ ପ୍ରାୟ ୫୦ ହଜାର କର୍ମଚାରୀ ଓ ପ୍ରାୟ ସମସ୍ତ ବିଭାଗ ଆଇ-ଜିଓଟି (ସମନ୍ୱିତ ସରକାରୀ ଅନ୍ଲାଇନ୍ ଟ୍ରେନିଂ) ପ୍ଲାଟଫର୍ମରେ ସାମିଲ ହୋଇଥିବା ଜଣାପଡ଼ିଛି। ଆଇଜିଓଟି ପ୍ଲାଟଫର୍ମ ବ୍ୟକ୍ତିଗତ ଶିକ୍ଷଣ ଯାତ୍ରା ପାଇଁ ଏକ ଦୃଢ଼ ଡିଜିଟାଲ ଢାଞ୍ଚା ପ୍ରଦାନ କରେ, କାର୍ଯ୍ୟକାରୀ, ଡୋମେନ୍-ନିର୍ଦ୍ଦିଷ୍ଟ ଏବଂ ଆଚରଣଗତ ଦକ୍ଷତାକୁ ଅନ୍ତର୍ଭୁକ୍ତ କରେ । ଏହି ପ୍ଲାଟଫର୍ମର ଉପଯୋଗ କରି ଓଡ଼ିଶା ଏକ ବ୍ୟାପକ ଶିକ୍ଷଣ ଇକୋସିଷ୍ଟମ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯାହା ଜନସେବା ପ୍ରଦାନକୁ ବଢ଼ାଇବ, ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବ ଏବଂ ନାଗରିକଙ୍କ ସନ୍ତୋଷକୁ ସୁନିଶ୍ଚିତ କରିବ । ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ଶ୍ରୀ ଜି ମାଥିଭାଥନନ,



ସେଣ୍ଟର ଫର ମଡର୍ଣ୍ଣ ଗଭର୍ଣ୍ଣେନ୍ସ ଇନିସିଏଟିଭ୍ (ସିଏମ୍‌ଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସତ୍ୟ ରଥ ଓ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଓଡ଼ିଶାର ଆଇ-ଜିଓଟି କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି। ଓଡ଼ିଶା ସରକାର, ଦକ୍ଷତା ବିକାଶ ଆୟୋଗ ଓ କର୍ମଯୋଗୀ ଭାରତ ମଧ୍ୟରେ ୨୩ ଅକ୍ଟୋବର ୨୦୨୪ରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ ମିଶନ କର୍ମଯୋଗୀ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବେ ମନୋନୀତ ହୋଇ ସମସ୍ତ ବିଭାଗର ନୋଡାଲ ଅଧିକାରୀଙ୍କ ପାଇଁ କର୍ମଶାଳା ଆୟୋଜନ କରିଥିଲା । ଆଇ-ଜିଓଟି ପ୍ଲାଟଫର୍ମରେ ସୁରୁଖୁରୁରେ ଅନବୋର୍ଡିଂ ପାଇଁ ପର୍ଯ୍ୟାୟକ୍ରମେ ମାର୍ଗଦର୍ଶନ ଯୋଗାଇ ଦିଆଯାଇଥିବା ବେଳେ ଆଇ-ଜିଓଟି (କର୍ମଯୋଗୀ ଭାରତ)ର ଅଧିକାରୀମାନେ ଅଧିବେଶନ କରିଥିଲେ। ଅନ୍‌ବୋର୍ଡିଂ ପ୍ରକ୍ରିୟା ଜାରି ରହିଛି ଏବଂ ଆଗାମୀ କିଛି ଦିନ ମଧ୍ୟରେ ସମସ୍ତ ୪ ଲକ୍ଷ ସରକାରୀ କର୍ମଚାରୀଙ୍କୁ ବୋର୍ଡରେ ସାମିଲ କରାଯିବ ବୋଲି ଆଶା କରାଯାଉଛି। ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ, ଲୋକସେବାଭବନ ଓ ଖାରବେଳଭବନରେ ଥିବା ସେଣ୍ଟର ଫର୍ ଗୁଡ୍ ଗଭର୍ଣ୍ଣାନ୍ସ, ଓଡ଼ିଶା (ସିଜିଜିଓ) ପକ୍ଷରୁ ଡାଟା ଯାଞ୍ଚ ଓ ପଞ୍ଜୀକରଣ କ୍ଷେତ୍ରରେ ବିଭାଗକୁ ସହାୟତା କରିବା ପାଇଁ ହେଲ୍ପ ଡେସ୍କ ଖୋଲାଯାଇଛି। ମୁଖ୍ୟ ଶାସନ ସଚିବ କାର୍ଯ୍ୟାନ୍ୱୟନର ଗତି ଏବଂ ବ୍ୟାପକତା ଉପରେ ସନ୍ତୋଷ ବ୍ୟକ୍ତ କରିବା ସହ ପ୍ରତ୍ୟେକ ସରକାରୀ ଅଧିକାରୀଙ୍କୁ ବାଧ୍ୟତାମୂଳକ ପ୍ରଶିକ୍ଷଣ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପ୍ରକ୍ରିୟା ପ୍ରତ୍ୟେକ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବ ଯାହା ସରକାରଙ୍କ ସେବା ପ୍ରଦାନ ଏବଂ କାର୍ଯ୍ୟରେ ଉନ୍ନତି ଆଣିବାରେ ସହାୟକ ହେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ କାର୍ଯ୍ୟକାରିତାର ଅଗ୍ରଗତି ବିଶେଷ କରି ଅଧିକାରୀମାନେ କରିଥିବା ପ୍ରଶିକ୍ଷଣ ମଡ୍ୟୁଲ୍ ସଂଖ୍ୟା ମୁଖ୍ୟ ଶାସନ ସଚିବ ସ୍ତରରେ ସମୟକ୍ରମେ ସମୀକ୍ଷା କରାଯିବ।

# ୭ଜିଲ୍ଲାରେ ନକ୍ସଲଙ୍କ ଦବ୍‌ଦବା ରହିଛି: ବିଏସ୍‌ଏଫ୍, ଓଡ଼ିଶାର ନେତା ଆନ୍ଧ୍ର, ଛତିଶଗଡ଼ି





ଭୁବନେଶ୍ୱର,୦୧/୧୨: ୨୦୧୦ ମସିହା ବେଳକୁ ଓଡ଼ିଶାର ପାଖାପାଖି ୧୮ ଜିଲ୍ଲାରେ ନକ୍ସଲଙ୍କ ଦବ୍‌ଦବା ଥିଲା। ୨୦୦୪ ମସିହା ପରଠୁ ଓଡ଼ିଶାରେ ନକ୍ସଲଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିବାରେ ଲାଗିଥିଲା। ୨୦୦୪ରେ କୋରାପୁଟ ପୁଲିସ ଅସ୍ତ୍ରାଗାର ଉପରେ ଆକ୍ରମଣ, ୨୦୦୬ରେ ମୋଟୁ ଥାନାରେ ଆକ୍ରମଣ ଓ ୨୦୦୯ରେ ଦାମନଯୋଡ଼ି ସିଆଇଏସ୍‌ଏଫ୍ ଶିବିରରେ ଆକ୍ରମଣ ଭଳି ଭୟଙ୍କର କାଣ୍ଡ ଘଟାଇ ନକ୍ସଲମାନେ ଆତଙ୍କରାଜ ଚଳାଇଥିଲେ। ନକ୍ସଲ ଦମନରେ ପଛୁଆ ରହିଯାଇଥିବା ଓଡ଼ିଶାରେ ମାଓବାଦୀମାନେ ଏକ ସମାନ୍ତରାଳ ସରକାର ଚଳାଇଥିଲେ। କିନ୍ତୁ ୨୦୧୦ ପରେ ବିଏସ୍‌ଏଫ୍ ଓଡ଼ିଶାରେ ମୁତୟନ ହେବା ପରଠୁ ଧୀରେଧୀରେ ସ୍ଥିତିରେ ସୁଧାର ଆସିଲା। ଏବେ ମାତ୍ର ୭ଜିଲ୍ଲାରେ ମାଓବାଦୀମାନେ ସକ୍ରିୟ ଅଛନ୍ତି। ଗଞ୍ଜେଇ ଚାଷ ହେଉଥିବା କିଛି ଜିଲ୍ଲାରେ ସେମାନେ ଟିକ୍ଷି ରହିଛନ୍ତି। ଆକଳନ ଅନୁସାରେ, ଓଡ଼ିଶାର ୭ଜିଲ୍ଲାରେ ସକ୍ରିୟ ଥିବା ୬୦/୭୦ ନକ୍ସଲଙ୍କ ମଧ୍ୟରୁ ମାତ୍ର ୭/୮ଜଣ ଓଡ଼ିଆ ଅଛନ୍ତି। ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ନକ୍ସଲମାନେ ଓଡ଼ିଶାରେ ନେତୃତ୍ୱ ନେଉଛନ୍ତି। ଆସନ୍ତାକାଲି ବିଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସ ଅବ୍ୟବହିତ ପୂର୍ବରୁ ଆଜି ବିଏସ୍‌ଏଫ୍ ଆଇଜି ସିଡି ଅଗ୍ରୱାଲ୍ ଓଡ଼ିଶାରେ ମାଓ ସ୍ଥିତିକୁ ନେଇ ଗଣମାଧ୍ୟମକୁ ଏଭଳି ସୂଚନା ଦେଇଛନ୍ତି। ଚଳିତ ବର୍ଷ ଓଡ଼ିଶାରେ ବିଏସ୍‌ଏଫ୍ ଅପରେସନ୍‌ରୁ ମିଳିଥିବା ସଫଳତା ଅନୁସାରେ ୩ ଦୁର୍ଦ୍ଦାନ୍ତ ନକ୍ସଲ ନିହତ ହୋଇଛନ୍ତି ବୋଲି ଆଇଜି ଶ୍ରୀ ଅଗ୍ରୱାଲ୍ କହିଛନ୍ତି। ସେହିଭଳି ୨୪ ଜଣ କ୍ୟାଡର ନକ୍ସଲ୍ ଆତ୍ମସମର୍ପଣ କରିଛନ୍ତି। ବିଭିନ୍ନ ସମୟରେ ଚଢ଼ଉ କରାଯାଇ ୩୪ ଆଇଇଡି, ୧୧୭ ଗ୍ରେନେଡ୍ ଓ ବିପୁଳ ପରିମାଣର ଗୋଳାବାରୁଦ ଜବତ କରାଯାଇଛି। ଏବେ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଭଳି କିଛି ଘଞ୍ଚ ଜଙ୍ଗଲ ଥିବା ଜିଲ୍ଲାରେ ମାଓବାଦୀମାନଙ୍କ ଡେରା ରହିଛି। ଗଞ୍ଜେଇ ଚାଷ ସେମାନଙ୍କୁ ଆର୍ଥିକ ବଳ ଯୋଗାଉଛି। ସେ ପୁଣି କହିଛନ୍ତି ଯେ ୨୦୨୬ ସୁଦ୍ଧା ମାଓମୁକ୍ତ ଓଡ଼ିଶା ପ୍ରତିଷ୍ଠା କରିବାକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆହ୍ୱାନ ଦେଇଛନ୍ତି। ସେହି ଲକ୍ଷ୍ୟସ୍ଥଳ ହାସଲ କରିବାକୁ ଓଡ଼ିଶା ପୁଲିସ ଓ ଗୁଇନ୍ଦା ବିଭାଗ ସହ ସମନ୍ୱୟ ରକ୍ଷା କରି ବିଭିନ୍ନ ଅପରେସନ୍ କରାଯାଉଛି ଏବଂ ଡ୍ରୋନ୍ ଓ ସାଟେଲାଇଟ୍ ସର୍ଭିଲାନ୍‌ସକୁ ସମୃଦ୍ଧ କରାଯାଉଛି। ସ୍ଥାନୀୟ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ରୋଜଗାର ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୧୮ ମସିହାରେ ଲୋକାର୍ପିତ ହୋଇଥିବା ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା ସେତୁ ଏହାର ସୁନ୍ଦର ଉଦାହରଣ।

## ଶେଷ ହେଲା ଡିଜିପି ସମ୍ମିଳନୀ

ଭୁବନେଶ୍ୱର,୦୧/୧୨: ଡିଜିପି ସମ୍ମିଳନୀରୁ ବାହାରିଲେ ପ୍ରଧାନମନ୍ତ୍ରୀ। ୨ ଦିନ ଧରି ଡିଜିପି ସମ୍ମିଳନୀରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ । ରାଜଧାନୀ ଭୁବନେଶ୍ୱର ରେ ୩ ଦିନ ଧରି ଚାଲିଥିବା ଡିଜିପି ସମ୍ମିଳନୀ ଆଜି ଶେଷ ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଓ ଏନଏସଏ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ଡିଜିପି ସମ୍ମାଳନୀରେ ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଥିଲା । ଏଥିରେ ସମସ୍ତପ୍ରକାର ବନ୍ଦୋବସ୍ତ ହୋଇଥିଲା । ଏବଂ ୭୦ ଫୋର୍ସ କାଟୁନ ପୋଲିସ ସୁରକ୍ଷା ପାଇଁ ନିୟୋଜିତ କରାଯାଇଥିଲା । ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

# ଆଳୁ ଦର ଅଣାୟତ୍ତ: ଲୋକଙ୍କ ପାଇଁ ୪୦, ମନ୍ତ୍ରୀଙ୍କ ପାଇଁ ୩୦



ଭୁବନେଶ୍ୱର,୦୧/୧୨: ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଗାଡ଼ି ଆସିବା ବନ୍ଦ ହେବାକୁ ୨ଦିନ ହେଲାଣି। ଏହାଭିତରେ ବଜାରରେ ଆଳୁ ଦର ବଢ଼ିଗଲାଣି। ଲୋକମାନେ କେଉଁଠି ଆଳୁ କେଜି ୪୦ ଟଙ୍କା ତ ଆଉ କେଉଁଠି ୪୫ ଟଙ୍କାରେ କିଣୁଛନ୍ତି। ହେଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ଆଳୁ ଦର ବଢ଼ିଥିବା ମାନିବାକୁ ନାରାଜ। ମନ୍ତ୍ରୀ ଆଜି ଗଣମାଧ୍ୟମକୁ କହିଛନ୍ତି ଯେ ସେ ୩୦ ଟଙ୍କାରେ ଆଳୁ କିଣୁଛନ୍ତି। ରାଜ୍ୟରେ ଆଳୁ ଯୋଗାଣ କିଭଳି ସ୍ୱାଭାବିକ ହେବ ଓ ଲୋକମାନେ ସୁଲଭ ଦରରେ ଆଳୁ ପାଇବେ ତାହାକୁ ସୁନିଶ୍ଚିତ କରିବା ବଦଳରେ ମନ୍ତ୍ରୀ ଗଣମାଧ୍ୟମରେ ବୟାନବାଜିରେ ମାତିବା ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ୩ମାସ ତଳେ ଓଡ଼ିଶାରେ ଏଭଳି ଆଳୁ ସଂକଟ ଦେଖା ଦେଇଥିଲା। ଆଳୁ ଦର ୫୦ରୁ ୬୦ ଟଙ୍କା ଛୁଇଁଥିଲା। ବେଶ୍ କିଛିଦିନ ଧରି ଲୋକମାନେ ଆଳୁକୁ ନେଇ ହନ୍ତସନ୍ତ ହୋଇଥିଲେ। ଏଥିରେ ସୁଧାର ଆସିବାର କିଛିଦିନ ପରେ ପୂର୍ବସ୍ଥିତି ଫେରିଛି। ପଶ୍ଚିମବଙ୍ଗ ସରକାର ଅନ୍ୟ ରାଜ୍ୟକୁ ଆଳୁ ପଠାଇବାକୁ ମନା କରିବାରୁ ଓଡ଼ିଶାରେ ଆଳୁ ସଂକଟ ବଢ଼ିଯାଇଛି। ଗୋଦାମରୁ ଆଳୁ ଷ୍ଟକ୍ ସରିଗଲାଣି। ଭୁବନେଶ୍ୱର ଆଇଗିଣିଆ, କଟକ ଛତ୍ରବଜାର ଆଳୁ ଗଦିକୁ ପର୍ଯ୍ୟାପ୍ତ ଆଳୁ ଆସୁନାହିଁ। ଲୁଚାଛପାରେ ଯେଉଁ ଗାଡ଼ି ଆସୁଛି ତାହା ଯଥେଷ୍ଟ ନୁହେଁ। ଯେ ପର୍ଯ୍ୟନ୍ତ ଆଳୁ ଯୋଗାଣ ସ୍ୱାଭାବିକ ହୋଇନାହିଁ ସେ ପର୍ଯ୍ୟନ୍ତ ଦର କ'ଣ ହେବ ତାହା କହିହେବ ନାହିଁ ବୋଲି ବ୍ୟବସାୟୀମାନେ କହିଲେଣି। କୁବେରପୁରୀ ବ୍ୟବସାୟୀ ମହାସଂଘ ସଂପାଦକ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର କହିଛନ୍ତି, ଆଳୁ ଯୋଗାଣ ବନ୍ଦ ହୋଇଥିବାରୁ ହୋଲସେଲ୍ ଦର ୩୮ ଟଙ୍କା ହେଲାଣି। ଆଳୁ ବିବାଦର ସମାଧାନ କରିବାରେ ରାଜ୍ୟ ସରକାରଙ୍କ ବିଶେଷ ସହଯୋଗ ମିଳୁନାହିଁ। ନିକଟରେ ଯୋଗାଣମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଉତ୍ତରପ୍ରଦେଶରୁ ଆଳୁ ଆଣିବା ପାଇଁ ଜଣେ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦେବା ଲାଗି ଅନୁରୋଧ କରାଯାଇଥିଲା। ହେଲେ ଏହା ଉପରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ସମାନ ଢଙ୍ଗରେ ୩ବର୍ଷ ତଳେ ଆଳୁକୁ ନେଇ ସମସ୍ୟା ସୃଷ୍ଟି ହେବାରୁ ଉତ୍ତରପ୍ରଦେଶ ବ୍ୟବସାୟୀଙ୍କ ସହ ଭୁବନେଶ୍ୱରରେ ଏକ ବୈଠକ ହୋଇଥିଲା। ପରବର୍ତ୍ତୀ ସମୟରେ ସେଠାରୁ ଓଡ଼ିଶାକୁ ଆଳୁ ଆସିବା ସହଜ ହୋଇଥିଲା। ତେଣୁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କଲେ ଆଳୁ ବିବାଦର ସମାଧାନ ହୋଇପାରିବ। ଏବେ ବ୍ୟବସାୟୀମାନେ ନିଜ ଉଦ୍ୟମରେ ବାହାରୁ ଆଳୁ ଆଣୁଛନ୍ତି। ଦିନକୁ ୩ରୁ ୪ଟି ଗାଡ଼ି ଆସୁଛି। ମାତ୍ର ଉତ୍ତରପ୍ରଦେଶରୁ ଆଳୁ ଆସିଲେ କମ୍ ଦାମ୍‌ରେ ଓଡ଼ିଶାର ଲୋକମାନେ ଆଳୁ ପାଇପାରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅପରପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆଳୁକୁ ନେଇ ପଶ୍ଚିମବଙ୍ଗ ସରକାର ରାଜନୀତି କରୁଛନ୍ତି। ତାଙ୍କ ଇଚ୍ଛା ଅନୁଯାୟୀ କେତେବେଳେ ଆଳୁ ଛାଡୁଛନ୍ତି ତ ଆଉ କେତେବେଳେ ମନା କରୁଛନ୍ତି। ଏମିତି କରିବା ଠିକ୍ ନୁହେଁ। ପଶ୍ଚିମବଙ୍ଗରୁ ଆଉ ଆଳୁ ମଗାଯିବ ନାହିଁ। ଆମେ ମାଗିଖିଆ ନୁହେଁ। ପଶ୍ଚିମବଙ୍ଗ ସରକାର ତ ପୁଣି ଅନ୍ୟ ରାଜ୍ୟରୁ ମାଛ ଅଣ୍ଡା ଓଡ଼ିଶା ବାଟ ଦେଇ ନିଜ ରାଜ୍ୟକୁ ନେଉଛନ୍ତି। ରାଜ୍ୟ ସରକାର ଚାହିଁଲେ ୨ ମିନିଟ୍‌ରେ ବନ୍ଦ କରିଦେବେ। ଏବେ ଉତ୍ତରପ୍ରଦେଶରୁ ଆଳୁ ଆସିବା ଆରମ୍ଭ ହୋଇଛି। ରାଜ୍ୟରେ ଆଳୁ ଦର ୪୦ ଟଙ୍କା ଛୁଇଁନାହିଁ। ବ୍ୟବସାୟୀ ଚଢ଼ା ଦରରେ ବିକ୍ରି କଲେ ଚଢ଼ାଉ କରାଯିବ। କ'ଣ ପାଇଁ ଆଳୁ ଦର ଅଧିକ ରହୁଛି ତାହାର ଅନୁଧାନ କରାଯିବ। ଆଳୁରେ ଆତ୍ମନିର୍ଭର ହେବା ଲାଗି ବ୍ୟାପକ ଯୋଜନା ହୋଇଛି। ୩ ବିଭାଗକୁ ନେଇ ଖୁବ୍‌ଶୀଘ୍ର ବୈଠକ ବସିବ। ଆସନ୍ତା ବର୍ଷେ କିମ୍ବା ଦେଢ଼ ବର୍ଷ ଭିତରେ ଓଡ଼ିଶା ଏଥିରେ ଆତ୍ମନିର୍ଭର ହେବ ଏବଂ ବାହାର ରାଜ୍ୟରୁ ଆଳୁ ଆଣିବା ଆବଶ୍ୟକତା ପଡ଼ିବ ନାହିଁ ବୋଲି ଶ୍ରୀ ପାତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାକୁ ପ୍ରତିଦିନ ୪୫ଶହ ଟନ୍ ଓ ବାର୍ଷିକ ପ୍ରାୟ ୧୪ଲକ୍ଷ ଟନ୍ ଆଳୁର ଆବଶ୍ୟକତା ରହିଛି। ୨୦୨୩-୨୪(ଅଗ୍ରୀମ ଆକଳନ) ଅନୁଯାୟୀ ରାଜ୍ୟରେ ୪.୨୭ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଓ ୪.୧୯ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦିତ ହେବ ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି।

# ରାଜଧାନୀରେ ଗର୍ଜିଲା କଂଗ୍ରେସ

## ମୋଦି ଓ ଶାହାଙ୍କ ଗସ୍ତ ବିରୋଧରେ ବିକ୍ଷୋଭ କଲା ପ୍ରଦେଶ ଯୁବ କଂଗ୍ରେସ



ଭୁବନେଶ୍ୱର,୦୧/୧୨ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଶନିବାର ରଣଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ବିରୋଧରେ ଏକ ବିକ୍ଷୋଭ ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଲୋୟର ପିଏମଜିଠାରେ ପ୍ରତିବାଦ ପ୍ରଦର୍ଶନ କରିଥିଲା । ସେଠାରେ ଯୁବ କଂଗ୍ରେସ କର୍ମୀ ଓ ପୋଲିସ୍‌ଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଯୁବ କଂଗ୍ରେସ କର୍ମୀମାନେ ହାତରେ କଳା ବେଲୁନ୍, ମୁଣ୍ଡରେ କଳା ପଟି ଏବଂ ପ୍ଲାକାର୍ଡ଼ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୋଲିସ୍ ବ୍ୟାରିକେଡ଼ ଭାଙ୍ଗି ଆଗକୁ ଅଗ୍ରସର ହେଉଥିବା ବେଳେ, ପୋଲିସ୍ ଯୁବ କଂଗ୍ରେସ କର୍ମୀମାନଙ୍କୁ ବିକ୍ଷୋଭସ୍ଥଳରୁ ଗିରଫ କରି ଭ୍ୟାନ ଯୋଗେ ଉଠାଇ ନେଇଥିଲା । ଏହି ଆନ୍ଦୋଳନ ପରିପ୍ରେକ୍ଷୀରେ ଶ୍ରୀ ପାତ୍ର କହିଛନ୍ତି ଯେ, ମୋଦି ଓ ଶାହାଙ୍କ ଗସ୍ତ ଓଡ଼ିଶାର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ । ବିଜେପି ଶାସନର ୬ ମାସରେ ଓଡ଼ିଶାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ଏଠାରେ ଡିଜି ଓ ଆଇଜି ସମ୍ମିଳନୀର ମୂଲ୍ୟ କଣ ଅଛି । ଓଡ଼ିଆ ଅସ୍ମିତା କେବଳ ଶବ୍ଦରେ ସୀମିତ ରହିଛି । ଗତ ଜୁଲାଇ ମାସରେ ରାଜ୍ୟପାଳଙ୍କ ପୁଅ ଜଣେ କାର୍ଯ୍ୟରତ ଓଡ଼ିଆ ଅଫିସରଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଥିବା ବେଳେ ପୋଲିସ୍ ଏପର୍ଯ୍ୟନ୍ତ ରାଜ୍ୟପାଳଙ୍କ ପୁଅକୁ ଗିରଫ କରିନାହିଁ । ଏ ରାଜ୍ୟରେ ଦୁଇଟି ଆଇନ କାମ କରୁଛି, ଗୋଟିଏ ରାଜ୍ୟପାଳ ପୁଅଙ୍କ ପାଇଁ ଏବଂ ଅନ୍ୟଟି ସାଧାରଣ ଜନତାଙ୍କ ପାଇଁ । ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରିୟ ଶଠ ଶିଳ୍ପପତି ଅଦାନୀ ସମଗ୍ର ଓଡ଼ିଶାକୁ ଅଧିକାର କରିବାକୁ ପ୍ରଚେଷ୍ଟା ଜାରି ରଖିଛି । ଧାମରା ଓ ଗୋପାଳପୁର ବନ୍ଦର ଅଧିକୃତ କରିଥିବା ବେଳେ ଭୁବନେଶ୍ୱର ବିମାନ ବନ୍ଦରକୁ ମଧ୍ୟ ଦଖଲ କରିଛି । ଗନ୍ଧମାର୍ଦ୍ଦନ ପର୍ବତକୁ ମଧ୍ୟ ଅଦାନୀ ହାତରେ ଟେକି ଦେବା ପାଇଁ ଚକ୍ରାନ୍ତ ଚାଲିଛି । ଏ ରାଜ୍ୟର ଖଣି, ଖାଦାନକୁ ଧୀରେ ଧୀରେ ଅଦାନୀ ଅଧିକାର କଲାଣି । ସୁତରାଂ ବିଜେପି ଶାସନରେ ସମଗ୍ର ଓଡ଼ିଶାର ସମ୍ପଦ ଅଦାନୀ ଅଧିନକୁ ଚାଲିଯିବ । ଏଣୁ ଠକ ଅଦାନୀମୁକ୍ତ ଓଡ଼ିଶା ପାଇଁ ଯୁବ କଂଗ୍ରେସ ସଂଗ୍ରାମ କରିବ । ଏହାଛଡ଼ା ୩୦୦ ୟୁନିଟ୍ ମାଗଣା ବିଜୁଳି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ସୁଧାର, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ନିଯୁକ୍ତି ପ୍ରଭୃତି ନିର୍ବାଚନ ପୂର୍ବରୁ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା, ୬ ମାସ ଶାସନ ପରେ ସେହି ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି । ଆଜି ଓଡ଼ିଶାବାସୀ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରଦାମ ଯୋଗୁ ହନ୍ତସନ୍ତ ହେଉଛନ୍ତି । ଗୁଜୁରାଟର ଠକ କମ୍ପାନୀ ରଣଜିତ ବିଲ୍ଡକନ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ନେଇଛି । ଭୁବନେଶ୍ୱରବାସୀ ଏହି ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଆନନ୍ଦିତ ଥିଲେ, ମାତ୍ର ଯେଉଁ କମ୍ପାନୀ ଏହି ଦାୟିତ୍ୱ ନେଇଛି ସେଥିପାଇଁ ସମସ୍ତେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । କାରଣ ଏହା ଏକ କଳା ତାଲିକାଭୁକ୍ତ କମ୍ପାନୀ । ଯେଉଁଠାରେ ଏହି କମ୍ପାନୀ ବ୍ରିଜ ନିର୍ମାଣ କରିଛି, ତାହା ଭୁଷୁଡ଼ି ପଡ଼ିଛି । ନିମ୍ନମାନର ରେଳଟ୍ରାକ୍, ରାସ୍ତା, ସ୍ୱେରେଜ ଓ ବ୍ରିଜ କାମ ଯୋଗୁ ଏହି କମ୍ପାନୀକୁ ଗୁଜୁରାଟ, ମଧ୍ୟପ୍ରଦେଶ ଓ ତାମିଲନାଡୁ ସରକାର କଳା ତାଲିକାଭୁକ୍ତ କରିଥିଲେ । ଏହି କମ୍ପାନୀ ଗୁଜୁରାଟ ସରକାରଙ୍କ କାଗଜପତ୍ର ଜାଲିଆତି କରି ରେଳବାଇରୁ କୋଟି କୋଟି ଟଙ୍କା ଠକି ନେଇଛି । ତେଣୁ ଏଭଳି ଏକ କମ୍ପାନୀକୁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କରିବା ପାଇଁ ଯେଉଁ ଟେଣ୍ଡର ଦିଆଯାଇଛି ତାକୁ ରଦ୍ଦ କରିବାକୁ ଯୁବ କଂଗ୍ରେସ ଦାବି କରିଛି । ଏହି ବିକ୍ଷୋଭରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ, ମନୋଜ ବିଶ୍ୱାଳ, ସୁଦୀପ ସାମଲ, ଅଜୟ ସାହୁ, ନିହାର ରଞ୍ଜନ ବେହେରା, ଗୋପନ ମାର୍ଥା, ବିଶ୍ୱଜିତ ସ୍ୱାଇଁ, କେଦାର ଦଳେଇ, ରଣଜିତ ସେନାପତି, ବଳରାମ ନନ୍ଦ, ସୁରଜ ରାଉତ, ବିଭୂପ୍ରସାଦ ଜେନା, କାର୍ତ୍ତିକ କାଣ୍ଡି, ଶାହରୁଖ୍ ଖାନ, ସକୁନା କଁଅର ପ୍ରମୁଖ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ଥିଲେ ।

## ଗଣକବି ବୈଷ୍ଣବ ପାଣିଙ୍କ ଆତ୍ମ କାହାଣୀର ଓଡ଼ିଆ ଓ ଇଂରାଜୀ ଅନୁବାଦ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ୨୦୩୬ ସୁଦ୍ଧା ଓଡ଼ିଶାକୁ ପୃଥିବୀର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ କରିଛନ୍ତି । ତାଙ୍କ ଆହ୍ୱାନ କ୍ରମେ ଆମେ ସମସ୍ତେ ନିର୍ଦ୍ଧାରିତ ସମୟ ସୁଦ୍ଧା ଗଣକବି ବୈଷ୍ଣବ ପାଣି ଏବଂ ଓଡ଼ିଶାର ମହାପୁରୁଷଙ୍କ ବିଚାର ଆଧାରରେ ଓଡ଼ିଆ, ଭାଷା, ସଂସ୍କୃତି ତଥା ଓଡ଼ିଆ ଜାତିର ପୁନଃପରିଚୟ ତିଆରି କରିବା ପାଇଁ ଏକାଠି ହେବା । ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଶହେ ବର୍ଷ ପୂରଣ କରୁଥିବା ବେଳେ କିପରି ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ ହେବ ସେଥିପାଇଁ ସାମୂହିକ ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ବିଶ୍ୱ ସମସ୍ୟାର ସମାଧାନର ପ୍ରୟୋଗଶାଳା ଓଡ଼ିଆ ଭାଷା ସାହିତ୍ୟରେ ଅଛି ବୋଲି ସେ କହିଛନ୍ତି । ଶନିବାର ଭୁବନେଶ୍ୱର ଠାରେ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଐତିହାସିକ ଜୟନ୍ତୀ ମହୋତ୍ସବର ଉଦଯାପନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଉ ପ୍ରାୟ ୧୨ ବର୍ଷ ପରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶା ଶହେ ବର୍ଷ ପୂରଣ କରିବ । ଏହି ସମୟ ଅବଧି ମଧ୍ୟରେ ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଆବାଳବୃଦ୍ଧବନିତାଙ୍କୁ ଖୋଦ୍ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ଆଗାମୀ ୧୨ ବର୍ଷ ସବୁ ଓଡ଼ିଆଙ୍କ ପାଇଁ ଏକ ସୁବର୍ଣ୍ଣ ଅବସର । ତେଣୁ ଓଡ଼ିଆ, ଭାଷା, ସଂସ୍କୃତି ଓ ଜାତିର ପୁନଃ ପରିଚୟ ତଥା ନବଜାଗରଣ ସୃଷ୍ଟି କରିବା ପାଇଁ ଏକାଠି ହେବାକୁ ଓଡ଼ିଆ ସମାଜକୁ ସେ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ 'ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ' ଗଣକବି ବୈଷ୍ଣବ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି ଯେ ଓଡ଼ିଆ ମହାପୁରୁଷଙ୍କ ସ୍ମୃତିଚାରଣ କରାଗଲେ ମୋ ଭଳି ସାଧାରଣ ଲୋକଙ୍କ ମନରେ ବହୁତ ଉତ୍ସାହ ବଢିଥାଏ । ମାହାଙ୍ଗା ମାଟିର ସୁପୁତ୍ର ତଥା ଗଣମାନସର କାଳଜୟୀ ସ୍ରଷ୍ଟା ବୈଷ୍ଣବ ପାଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ୧୪ ଦିନ ବ୍ୟାପୀ ଐତିହାସିକ ଜୟନ୍ତୀ ସମାରୋହ ଆୟୋଜନ ହେବା ପ୍ରଶଂସନୀୟ । ଗଣକବି ତାଙ୍କ ଗୀତିନାଟ୍ୟରେ ରାମାୟଣ, ମହାଭାରତ, ଗଣ



ଜୀବନର କଥା କହିଛନ୍ତି । ଜାତି-ଅଜାତିର କଥା ସହ ଧର୍ମ ଓ ଅଧର୍ମ, ସମାଜ ସଂସ୍କାର କଥା କହିଛନ୍ତି । ହଜାର ହଜାର ବର୍ଷର ସାହିତ୍ୟକୁ କଣ୍ଠସ୍ଥ କରି ଲୋକଭାଷାରେ ପ୍ରଦର୍ଶିତ କରିବା ତାଙ୍କର ମହାନ ମୂଲ୍ୟବୋଧକୁ ଦର୍ଶାଉଛି । ଓଡ଼ିଆ ଜନଜୀବନରେ ତାଙ୍କର ଦୁର୍ମୂଲ୍ୟ ବିଚାର ଯୁଗ ଯୁଗ ଧରି ଆମ ସମସ୍ତଙ୍କୁ ପ୍ରେରଣା ଦେବ । କେବଳ ଏତିକି ନୁହେଁ ଗଣକବିଙ୍କ ଭଳି ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇଙ୍କ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ,ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ଏହି କାଳଜୟୀ ଉକ୍ତି ଜାତିସଂଘର କାନ୍ଥରେ ଲିପିବଦ୍ଧ ହୋଇରହିଛି । ବଳରାମ ଦାସ ଲକ୍ଷ୍ମୀ ପୁରାଣ ମାଧ୍ୟମରେ ଶ୍ରୀୟା ଚଣ୍ଡାଲୁଣୀର କଥା ଚରିତ୍ରକୁ ବର୍ଣ୍ଣନା କରି ଜାତିପ୍ରଥା ବିରୋଧର କଥା କହିଛନ୍ତି । ମାଣବସା ଗୁରୁବାର ଓଡ଼ିଆ ସଂସ୍କୃତିର ସଂସ୍କାର । ସ୍ୱଚ୍ଛତାର ସଂସ୍କାର ଏଥିରେ ଅନ୍ତର୍ନିହିତ । ଘର ସ୍ୱଚ୍ଛ ରହିଲେ ସମସ୍ତେ ସୁସ୍ଥ ରହିବେ, ଏହା ହେଉଛି ଆମର ଧାର୍ମିକ ପରମ୍ପରାର ବାର୍ତ୍ତା । କାଞ୍ଚି ସହ ଓଡ଼ିଆ ଲୋକଙ୍କ ସମ୍ପର୍କ ରହିଛି । କାଞ୍ଚିରେ ଓଡ଼ିଶାର ପୁରାତନ ତାଳପତ୍ର ପୋଥି ଅଛି । ଓଡ଼ିଶାର ଲୋକମାନଙ୍କର ଚିନ୍ତାଧାରା ବ୍ୟାପକ ଓ ବିଶାଳ ଥିଲା । ସମାଜ କଲ୍ୟାଣ ପାଇଁ ଆଗଭର ହୋଇଥିଲା । କଳିଙ୍ଗ ଯୁଦ୍ଧ ପରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲେ । ବାସ୍ତବରେ ଦେଖିବାକୁ ଗଲେ ଓଡ଼ିଆ ଲୋକଙ୍କ ଇଚ୍ଛାଶକ୍ତି ହିଁ ଅଶୋକଙ୍କୁ ଧର୍ମାଶୋକରେ ପରିବର୍ତ୍ତନ କରିବା ପାଇଁ ବାଧ କରିଥିଲା ବୋଲି ସେ କହିଛନ୍ତି । ଆଜିର ଏହି ମଞ୍ଚରେ ଉପସ୍ଥାପିତ ହୋଇଥିବା ଗଣକବିଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ ଗୀତିନାଟ୍ୟ "ମହାଲକ୍ଷ୍ମୀ ପୂଜା"ର ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ନାଟକଟି ହୃଦୟସ୍ପର୍ଶୀ କହିବା ସହ ଶିଶୁ କଳାକାରମାନଙ୍କ ଅଭିନୟ ମନଛୁଆଁ ଓ ଜୀବନ୍ତ ଥିଲା ବୋଲି କହିଥିଲେ । ସେ ଆହୁରି କହିଥିଲେ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଝଲକ । ୨୦୩୬ରେ ଆମେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବାକୁ ଯାଉଛେ । ଏହି ସମୟରେ ସ୍କୁଲରେ ଗୀତିନାଟ୍ୟ ପରମ୍ପରାକୁ ବଢାଇବାକୁ ବଢିବ । ଏହି ଭବ୍ୟ ଐତିହାସିକ ସାରସ୍ୱତ ଓ ସାଂସ୍କୃତିକ ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ କରକମଳରେ ଗଣକବି ବୈଷ୍ଣବ ପାଣିଙ୍କ ଆତ୍ମ କାହାଣୀର ଓଡ଼ିଆ ଓ ଇଂରାଜୀ ଅନୁବାଦ ପୁସ୍ତକର ଲୋକାର୍ପିତ ହୋଇଥିବା ବେଳେ ଏହି ସାଧୁ ଉଦ୍ୟମ ପାଇଁ ଶ୍ରୀ ପ୍ରଧାନ ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ଓ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛି ବିଜେଡି : ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର,୦୧/୧୨ (ନି.ପ୍ର): ଆମର ରଙ୍ଗ କେବେହେଲେ ବଦଳି ନାହିଁ । କିନ୍ତୁ ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛି ବିଜେଡି । ରଙ୍ଗ ବଦଳାଇ ବିଜେଡି ୧୯୯୮ରେ ଆମ ସହ ମେଣ୍ଟ କରିଥିଲା । ନିଜ ଆବଶ୍ୟକତା ପୂର୍ତ୍ତି ହୋଇଯିବା ପରେ ଏବଂ ନିଜ ସ୍ୱାର୍ଥ ଦୃଷ୍ଟିକୋଣରୁ ବିଜେଡି ୨୦୦୯ରେ ପୁଣି ଥରେ ବିଜେପି ସହ ସଂପର୍କ ଛିନ୍ନ କରିଥିଲା ଏବଂ କଂଗ୍ରେସ ସହ ସାଲିସ କରି ସଂପର୍କ ସ୍ଥାପନା କରିଥିଲା । ବର୍ତ୍ତମାନ ବି କଂଗ୍ରେସ ସହ ନିବିଡ ସଂପର୍କ ରହିଛି । ବିଧାନସଭା ଭିତରେ ଓ ବାହାରେ ସାଲିସ ଜାରୀ ରଖିଛି ଏବଂ ଦୁଇ ଦଳର ଭାଷା ମଧ୍ୟ ସମାନ ରହିଛି ବୋଲି ବରିଷ୍ଠ ନେତା ତଥା ମାନ୍ୟବର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଶ୍ରୀ ପୁଜାରୀ କହିଛନ୍ତି ଯେ, ଚାପରେ ପଡି ବରିଷ୍ଠ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ନିଜ ଇଚ୍ଛା ବିରୁଦ୍ଧରେ ଅନେକ କଥା କହିଥାନ୍ତି । ଆଜି ମଧ ଶ୍ରୀ ଆଚାର୍ଯ୍ୟ ମୁହଁରୁ ମିଛ କୁହାଇବାର ପ୍ରୟାସ କରିଛି ବିଜେଡି । ୨୦୧୬ ପୂର୍ବରୁ ଖଣିଜ ସଂପଦର ସମସ୍ତ ଲାଭ କେନ୍ଦ୍ର ନେଉଥିଲା । ଖଣିବହୁଳ ରାଜ୍ୟମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୋଦି ସରକାର ୨୦୧୬ ରେ ଏମଏମଡିଆର ଆଇନରେ ସଂଶୋଧନ ଆଣି ପ୍ରଧାନମନ୍ତ୍ରୀ ଖଣିଜ ପଦାର୍ଥ କ୍ଷେତ୍ର କଲ୍ୟାଣ ଯୋଜନା ପ୍ରଚଳନ କଲେ । ଏହା ଦ୍ୱାରା ଖଣି ସଂପତି ଲାଭାଂଶର ସର୍ବନିମ୍ନ ୨ ପ୍ରତିଶତ ସ୍ଥାନୀୟ ଅଂଚଳର ବିକାଶ ପାଇଁ ପାଂଠି ଗଠନ ହେଲା । ପରବର୍ତୀ ସମୟରେ କଂପାନୀ ଆଇନରେ ସଂଶୋଧନ ଆଣି ସିଏସଆର ପାଣ୍ଠି ଜରିଆରେ ଓଡିଶାକୁ ପର୍ଯ୍ୟାପ୍ତ ପରିମାଣ ଟଙ୍କା କେନ୍ଦ୍ରରୁ ଆସିଛି । ଓଡିଶା ସର୍ବାଧିକ ଲାଭାନ୍ୱିତ ହେଲା । ଏହି ଆଇନ ବଳରେ ବିଜେଡି ସରକାରରେ ମଧ ପର୍ଯ୍ୟାପ୍ତ ଟଙ୍କା ଆସିଛି । ବିଜେଡି ଲାଭାନ୍ୱିତ ହେଲା, କିନ୍ତୁ ଓଡିଶାବାସୀ ଲାଭାନ୍ୱିତ ହେଲେ ନାହିଁ । ଲୋକଙ୍କ ସ୍ୱାର୍ଥରେ ଖର୍ଚ୍ଚ ନକରି ମୂଳତଃ ଠିକାଦାରମାନଙ୍କୁ ପୋଷିବା ପାଇଁ ଖର୍ଚ୍ଚ କରିଛନ୍ତି ବୋଲି ଶ୍ରୀ ପୁଜାରୀ ଅଭିଯୋଗ କରିଛନ୍ତି । ବିଜେଡି ଶାସନରେ ଓଡିଶାର ଏସଏଚଜି ମହିଳାମାନଙ୍କୁ ସୁଧଯୁକ୍ତ ଋଣ ଦିଆଯାଉଥିଲା । ମୋହନ ମାଝୀ ନେତୃତ୍ୱ ବିଜେପି ସରକାରରେ ସୁଭଦ୍ରା ଯୋଜନାରେ ସିଧାସଳଖ



ବାର୍ଷିକ ୧୦ ହଜାର ଟଙ୍କା ୨୧ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ପ୍ରଦାନ କରାଗଲା । ସେହିପରି ସୋହେଲା ଠାରେ ଧାନ କ୍ୱିଂଟାଲ ପିଛା ୧୦୦ ଟଙ୍କାର ବୋନସ ଘୋଷଣା କେବଳ ପ୍ରତିଶୃତିରେ ରହିଗଲା । ନବୀନ ବାବୁଙ୍କ କାର୍ଯ୍ୟକାଳ ସରିଗଲା, କିନ୍ତୁ ଓଡିଶାର ଚାଷୀକୁଳକୁ ଟଙ୍କାଟାଏ ମିଳିଲା ନାହିଁ । ମୋହନ ମାଝୀ ନେତୃତ୍ୱ ବିଜେପି ସରକାର ଏମଏସପି ଉପରେ ୮୦୦ ଟଙ୍କା ଇନପୁଟ ସବସିଡି (ସ୍ୱତନ୍ତ୍ର ସହାୟତା ରାଶି) ଦେଲେ । ଆଖି କାନ ବନ୍ଦ କରିଦେଲେ କିଛି ଦିଶିବ ନାହିଁ କି କିଛି ଶୁଭିବ ନାହିଁ । ଶାସନରୁ ବିଦା ହେବା ପରେ ବିଜେଡି ନିଜ ଆଖି ଓ କାନ ବନ୍ଦ କରିଦେଇଛି । ତେଣୁ ବିକାଶ ଦେଖାଯାଉନାହିଁ ବୋଲି ଶ୍ରୀ ପୁଜାରୀ କହିଛନ୍ତି । ଓଡିଶାର ଜନସଂଖ୍ୟା ହେଉଛି ଦେଶ ଜନସଂଖ୍ୟାର ୪ ପ୍ରତିଶତ । ତେଣୁ ଅତୀତରେ ସମୁଦାୟ କେନ୍ଦ୍ର ବଜେଟର ୪ ପ୍ରତିଶତ ଅର୍ଥ ଦାବୀ କରାଯାଉଥିଲା । ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ସରକାରର ଦାବୀଠାରୁ ଅଧିକ ଅର୍ଥ କେନ୍ଦ୍ରରୁ ମୋଦି ସରକାର ଦେଇଛନ୍ତି । କିନ୍ତୁ ନିଜ ପୈତୃକ ସଂପତି ଭଳି ଖର୍ଚ୍ଚ କରିଥିଲା ବିଜେଡି ସରକାର । ଓଡିଶାବାସିଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ତତ୍କାଳୀନ ବିଜେଡି ସରକାର ଦଳୀୟ ଓ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିଲେ ବୋଲି ଶ୍ରୀ ପୁଜାରୀ କହିଛନ୍ତି । ଗଣତନ୍ତ୍ରର ପରିଭାଷା ଶିଖିବା ନବୀନ ବାବୁଙ୍କଠାରୁ ଶତ୍ରୁର ମଧ ସେ ଦୁର୍ଭାଗ୍ୟ ନମିଳୁ । ଗଣତନ୍ତ୍ରକୁ ରକ୍ତାକ୍ତ କରିଥିବା ବିଜେଡି ମୁହଁରେ ଗଣତନ୍ତ୍ରର ପରିଭାଷା ଶୋଭା ପାଉନାହିଁ । ବିଜେଡିର କଥା ଓ କାର୍ଯ୍ୟ ଭିତରେ ସବୁବେଳେ ଅସାମଞ୍ଜସ୍ୟ ରହିଆସିଛି । ସୁସ୍ଥ ଗଣତନ୍ତ୍ରର ପରିଭାଷା ପ୍ରଥମେ ନିଜେ ଶିଖି ବିଜେଡି ପାଳନ କରିବା ଆବଶ୍ୟକ ରହିଛି ବୋଲି ଶ୍ରୀ ପୁଜାରୀ କହିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ଇ-କେୱାଇସି ଦେଇ ନାହାନ୍ତି ୧ ଲକ୍ଷ ୯୨ହଜାର ହିତାଧିକାରୀ



ମାଲକାନଗିରି: ଭୂତ କାର୍ଡ ଚିହ୍ନଟ ନେଇ ସାରା ରାଜ୍ୟରେ ଏବେ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମାଲକାନଗିରିରେ ମଧ ଗତ ଦୁଇ ମାସ ହେଲାଣି ଏହି ପ୍ରକ୍ରିୟା ଜାରି ରହିଛି । ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଜିଲ୍ଲାର ୩୫ ପ୍ରତିଶତ ରାସନ କାର୍ଡ ହିତାଧିକାରୀ ଇ-କେୱାଇସି ଅପଡେଟ କରିନାହାନ୍ତି, ଯାହାକୁ ନେଇ ସଂଦେହ ବଢୁଛି ।ଜିଲ୍ଲାରେ ଭୂତ କାର୍ଡଙ୍କ ସଂଖ୍ୟା ସର୍ବାଧିକ ରହିଥିବା ନେଇ ଆଶଂକା କରାଯାଉଛି । କାରଣ ମାଲକାନଗିରି ଜିଲ୍ଲାର ବହୁ ଧନୀକ ବ୍ୟକ୍ତିଙ୍କ ପାଖରେ ରହିଛି ରାସନ କାର୍ଡ । ତଦନ୍ତ ପରେ ସବୁ ସତ୍ୟ ପଦାକୁ ଆସିବ ବୋଲି କୁହାଯାଇଛି । ଜିଲ୍ଲାରେ ମୋଟ ୫,୫୫,୫୮୫ ଜଣ ରାସନ କାର୍ଡ ହିତାଧିକାରୀ ରହିଥିବା ବେଳେ ସେଥିରୁ ୩,୬୩,୧୪୬ ଦଣ ହିତାଧିକାରୀ ହିଁ ଇ-କେୱାଇସି ଅପଡେଟ କରିଛନ୍ତି । ବଳଖା ୧,୯୨,୪୩୯ ଜଣ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ଇ-କେୱାଇସି ଅପଡେଟ କରିନାହାନ୍ତି ।ଜିଲ୍ଲାରେ ମୋଟ ୬୫ ପ୍ରତିଶତ ହିତାଧିକାରୀ ହିଁ ରାସନ କାର୍ଡ ଅପଡେନ କରିପାରିଛନ୍ତି । ବହୁ ହିତାଧିକାରୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଇଥିବାରୁ ଏହା ହୋଇପାରୁନଥିବା ଜଣାପଡିଛି । ଜିଲ୍ଲା ଆଦିବାସୀ ଅଧୁଷିତ ଏବଂ ଅଶିକ୍ଷିତଙ୍କ ସଂଖ୍ୟା ଅଧିକା ରହିଥିବାରୁ ଲୋକେ ଏନେଇ ସଚେତନ ନହେବା, ଏହାର ଏକ କାରଣ ବୋଲି କୁହାଯାଇଛି । ଯଦି ବ୍ଲକଓ୍ୱାରୀ ଦେଖିବା ତେବେ କାଳିମେଳା ବ୍ଲକରେ ୧,୧୭,୭୨୯ ଜଣ ହିତାଧିକାରୀଙ୍କ ମଧ୍ୟରୁ ୩୨,୧୦୮ ଜଣ ହିତାଧିକାରୀ ଇ-କେୱାଇସି ଅପଡେନ କରିନାହାନ୍ତି । ଖଇରପୁଟ ବ୍ଲକରେ ୩୯,୮୧୦ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୩,୩୫୪ ଜଣ, କୋରକୋଣ୍ଡା ବ୍ଲକର ୧,୧୬,୮୫୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ୩୯,୫୯୪ ଜଣ, କୁଡୁମୁଲୁଗୁମ୍ମା ବ୍ଲକର ୫୫,୬୨୩ ଜଣ ହିତାଧିକାରୀଙ୍କ ମଧ୍ୟରୁ ୩୫,୫୯୪ ଜଣ, ମାଲକାନଗିରି ବ୍ଲକର ୬୨,୭୫୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୮,୩୪୦ ଜଣ, ମାଥିଲି ବ୍ଲକର ୮୫,୦୩୧ ଜଣ ହିତାଧିକାରୀଙ୍କ ମଧ୍ୟରୁ ୩୦,୨୧୨ ଜଣ, ପଡିଆ ବ୍ଲକର ୫୨,୯୪୯ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୬,୮୮୩ ଜଣ, ମାଲକାନଗିରି ପୌର ପରିଷଦର ୧୭,୯୧୦ ହିତାଧିକାରୀଙ୍କ ମଧ୍ୟରୁ ୪,୮୬୫ ଜଣ ଏବଂ ବାଲିମେଳା ଏନଏସିର ୨୮,୫୨୫ ହିତାଧିକାରୀଙ୍କ ମଧ୍ୟରୁ ୧୦,୮୪୮ ଜଣ ହିତାଧିକାରୀ ଏବେ ବି ନିଜର କାର୍ଡ ଅପଡେଟ କରିନାହାନ୍ତି । ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଭୂତକାର୍ଡ ଧରାଯିବା ପରେ ଚାଉଳ ବନ୍ଦ ରହିଥିବା ଜଣାପଡିଛି । ତେବେ ବିଭାଗୀୟ ଅଧିକାରୀଙ୍କ ନିକଟରେ ସଠିକ ରିପୋର୍ଟ ନଥିବାରୁ ତାହା ଦିଆଯାଇପାରି ନାହିଁ । ତେବେ ଇ-କେୱାଇସି ଅପଡେଟ ହେବା ପରେ ସବୁ ଭୂତ କାର୍ଡର ରିପୋର୍ଟ ଜଣାପଡିବ ବୋଲି କୁହାଯାଇଛି । ୩୫ ପ୍ରତିଶତ ହିତାଧିକାରୀ ଗଲେ କୁଆଡେ ବୋଲି ଏବେ ପ୍ରଶ୍ନ ଉଠୁଛି, ଯାହାକୁ ନେଇ ଚିନ୍ତା ବଢାଇଛି । କେତେ ବର୍ଷ ଧରି ଏଭଳି ଚାଲିଥିଲା । ତଦନ୍ତ ହେଲେ ରାସନ କାର୍ଡ କାଳେଙ୍କାରୀ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ସଂପାଦକୀୟ

# ମହାରାଷ୍ଟ୍ରର କାହାଣୀ

ହରିଆଣା ଭଳି ମହାରାଷ୍ଟ୍ରରେ ଭାଜପା କୁ ଅପ୍ରତ୍ୟାଶିତ ବିଜୟ ମିଳିଛି । ଲଗାତାର ତୃତୀୟ ବିଜୟ ମିଳିଛି, ଯାହା ସହଜରେ ବୁଝି ହେଉ ନାହିଁ । କାରଣ ୫ ମାସ ତଳେ ଲୋକସଭା ନିର୍ବାଚନରେ ନିର୍ମମ ପରାଜୟ ବରଣ କରିଥିବା ଏକ ଦଳ ହଠାତ ବିଜୟୀ ହୋଇ ଯାଇଛି । ଭାଜପା ୧୪୯ ଆସନରେ ଲଢ଼ି ୧୩୨ ଆସନରେ ବିଜୟୀ ହୋଇଛି । ୮୯% ଆସନରେ ବିଜୟୀ ହେବା ପଛରେ କିଛି କାହାଣୀ ଅଛି । ଯାହାକୁ ଖାଲି ଆଖିରେ ଦେଖି ହେବନାହିଁ । ଗଟବନ୍ଧନ ୨୮୮ ରୁ ୨୩୦ ଆସନରେ ବିଜୟୀ ହୋଇ ଇତିହାସ ତିଆରି କରିଛି । ବିପକ୍ଷକୁ ମାତ୍ର ୪୮ ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି । ମହାରାଷ୍ଟ୍ର କାହାଣୀକୁ ଖୋଜିବା ପୂର୍ବରୁ ନିର୍ବାଚନ ଗଣିତକୁ ସମୀକ୍ଷା କରିନେବା ଠିକ୍ ରହିବ । ମହାରାଷ୍ଟ୍ରକୁ ସାମାଜିକ ଓ ଭୌଗଳିକ ଦୃଷ୍ଟିରୁ ୬ଟି ଅଂଚଳରେ ବିଭାଜିତ କରାଯାଇଥାଏ। କିନ୍ତୁ ୨୦୨୪ର ବିଜୟ ମହାରାଷ୍ଟ୍ରର ସମସ୍ତ ଅଂଚଳରେ ଦେଖିବାକୁ ମିଳିଛି । ଦୁଇଟି ଜିଲ୍ଲାକୁ ନେଇ ଗଠିତ ମୁମ୍ବାଇ ସହରରେ ମହାଜ୍ୟୋତି ଗଟବନ୍ଧନର ବିଜୟ ନିର୍ବାଚନ ବିଶାରଦଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି । ଶିବସେନାର ପୁରୁଣା ଗଡ଼ ଭାବରେ ପରିଚିତ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ଉଦ୍ଧବ ଠାକରେଙ୍କୁ ସର୍ବାଧିକ ନିରାଶ କରିଛି । ଯେଉଁଠି ଉଦ୍ଧବ ଠାକରେଙ୍କ ଦଳ ମୁମ୍ବାଇ ମହାନଗରପାଳିକାକୁ ଦଖଲ କରି ରଖିଛି । ଏହି ସହରସହ ଶିବସେନାର ଜନ୍ମ ଓ ସଂଘର୍ଷ ଯୋଡ଼ି ହୋଇ ରହିଛି । ମୁମ୍ବାଇର ୩୬ ରୁ ୨୨ ଆସନ ମହାଜ୍ୟୋତି ଗଟବନ୍ଧନ ହାତକୁ ଯାଇଛି । ଶିବସେନାର ନୂତନ ଶତ୍ରୁ ଭାବେ ଛିଡା ହୋଇଥିବା ବିଜେପି ନିକଟକୁ ୧୫ ଆସନ ଯାଇଛି । ବିଦର୍ଭରେ ମଧ୍ୟ ୬୨ ରୁ ୪୯ ଆସନ ଜିତି ଗଟବନ୍ଧନ ସମସ୍ତ ଭବିଷ୍ୟବାଣୀକୁ ଭୂଲ ପ୍ରମାଣିତ କରିଛି । ଯେଉଁ ଅଂଚଳରୁ କେବଳ ଭାଜପାକୁ ୩୯ ଆସନ ମିଳିଛି । ବିଦର୍ଭରୁ ନିଜେ ଦେବେନ୍ଦ୍ର ଫର୍ଣ୍ଣାବିଶ ପ୍ରତିଦ୍ୱନ୍ଦୀ ଥିଲେ । ଭାଜପାର ରାଜ୍ୟ ସଭାପତି ଓ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରି ଉଭୟେ ସେହି ଅଂଚଳରୁ ଆସୁଛନ୍ତି । କୋଙ୍କଣ, ପଶ୍ଚିମ ମହାରାଷ୍ଟ୍ର, ଉତର ମହାରାଷ୍ଟ୍ରରେ ଗଟବନ୍ଧନକୁ ବିପୁଳ ଜନ ସମର୍ଥନ ମିଳିଛି । ଚଳିତ ନିର୍ବାଚନରେ ଶରତ ପାୱାରଙ୍କ ଗଡ଼ ଭୁଶୁଡି ପଡିଛି । ମରଠାୱାଡା କ୍ଷେତ୍ରର ବିଜୟ ସବୁଠାରୁ ଅଧିକ ଚର୍ଚ୍ଚାରେ ଅଛି । ମହାରାଷ୍ଟ୍ରର ଏକତୃତୀୟାଂଶ ମରାଠୀ ଲୋକ ଏହି ଅଂଚଳରେ ବସବାସ କରନ୍ତି । ମରାଠା ସରଂକ୍ଷଣ ପାଇଁ ସରକାର ବିରୋଧୀ ବିଶାଳ ଜନ ଆନ୍ଦୋଳନ ଏହି ଅଂଚଳକୁ ଅଧିକ ପ୍ରଭାବିତ କରିଥିଲା । ମରଠାୱାଡାର ୮ ଟି ଜିଲ୍ଲା ପୂର୍ବରୁ ହାଇଦ୍ରାବାଦ ରାଜ୍ୟ ବା ନିଜାମ ଶାସିତ ହୋଇ ଥିବାରୁ ମୁସଲିମ ଜନସଂଖ୍ୟା ଏଠାରେ ସର୍ବାଅଧିକ । ଔରାଙ୍ଗାବାଦ, ଉସ୍ମନାବାଦ ଓ ନାଂଦେଡ ଭଳି ମୁସଲିମ ବହୁଳ ଜିଲ୍ଲା ମଧ୍ୟ ଏହି ଅଂଚଳରେ ସାମିଲ ଅଛି । ଅତିତରେ ଭାଜପା ଏହି ଅଂଚଳରେ ସଫଳତା ପାଇପାରୁ ନଥିଲା । ଏହି ଜିଲ୍ଲା ଗୁଡିକରେ ହିନ୍ଦୁ ମୁସଲିମ ସଂଘର୍ଷ ଅଧିକ ଦେଖିବାକୁ ମିଳିଥାଏ । ସର୍ବାଧିକ କୃଷକ ଆତ୍ମହତ୍ୟା ଘଟଣା ମରଠାୱାଡା ଅଂଚଳରେ ଘଟିଛି । ସରକାର ବିରୋଧୀ ହାୱା ଏହି ଅଂଚଳକୁ ଅଧିକ ପ୍ରଭାବିତ କରିଥିଲା । ସମସ୍ତେ ଆକଳନ କରିଥିଲେଯେ ମରଠାୱାଡା ଅଂଚଳରେ ମହାଜ୍ୟୋତି ଗଟବନ୍ଧନ ଶୋଚନୀୟ ପରାଜୟ ବରଣ କରିବ । ଏଭଳି ବିପରୀତ ପରିସ୍ଥିତିରେ ବି ମହାଜ୍ୟୋତି ଗଟବନ୍ଧନ ମରଠାୱାଡାକୁ ଜିତି ନେଇଛି । ମହାଜ୍ୟୋତି ଗଟବନ୍ଧନ ପାଇଁ ସବୁଠାରୁ ଦୁର୍ବଳ ଅଂଚଳରେ ୪୬ ଆସନରୁ ୪୦ ଆସନ ଜିତିବାରେ ସଫଳ ହୋଇଛି । ନିର୍ବାଚନ ବିଜୟ ପଛରେ ସବୁଠାରୁ ବଡ କାହାଣୀ ହେଉଛି ସାମାଜିକ ସୁରକ୍ଷା । ମହାରାଷ୍ଟ୍ର ଜନତାଙ୍କୁ ମତଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ନାରା 'ଏକ ରହିବତ ସୁରକ୍ଷିତ ରହିବ' ଓ ଯୋଗିଜୀଙ୍କ ନାରା ' ବଂଟେଙ୍ଗେ ତୋ କଟେଙ୍ଗେ' ଅଧିକ ପ୍ରଭାବିତ କରିଛି । ଏହି ନାରାକୁ ଅଜିତ ପାୱାର ଦୃଢ ବିରୋଧ କରିଥିଲେ, ସେଥିପାଇଁ ମହାଜ୍ୟୋତି ଗଟବନ୍ଧନରେ ତାଙ୍କର ସଫଳତା ହାର ସବୁଠାରୁ କମ । ନିଜର ଆସନ ସଂଖ୍ୟା ୪୦ ରୁ ମାତ୍ର ଗୋଟିଏ ଆସନ ବୃଦ୍ଧି କରି ୪୧ପହଁଚିଛନ୍ତି । ସାମାଜିକ ସୁରକ୍ଷା ଠାରୁ ଚିରାଚରିତ ତୁଷ୍ଟୀକରଣ ଉପରେ ଅଧିକ ଭରସା କରିଥିଲେ ଅଜିତ ପାୱାର । ମହାରାଷ୍ଟ୍ରରେ ଏହି ନାରାର କୌଣସି ପ୍ରଭାବ ନାହିଁ ବୋଲି ସର୍ବସାଧାରଣରେ ମତବ୍ୟକ୍ତ କରିଥିଲେ । ଏହି ଜନପ୍ରିୟ ନାରାକୁ ନେଇ ଏକନାଥ ସିନ୍ଧେ ନିରବ ରହିଥିଲେ । ଏପରି କୁହାଯାଇପାରିବ ନିରବରେ ସମର୍ଥନ କରିଥିଲେ । ତାଙ୍କର ଆସନ ସଂଖ୍ୟା ୪୦ ରୁ ଆଗକୁ ବଢ଼ି ୫୭ ହୋଇଗଲା । ଅର୍ଥାତ ୧୭ ଆସନ ବୃଦ୍ଧି କରିବାରେ ତାଙ୍କ ଦଳ ସମର୍ଥ ହୋଇଗଲା । ତାଙ୍କୁ ଭଲ ଭାବରେ ଜଣାଥିଲା ମହାରାଷ୍ଟ୍ରରେ ସାମାଜିକ ସୁରକ୍ଷା ଅନ୍ୟାନ୍ୟ ବିଷୟ ଭିତରେ ସବୁଠାରୁ ମହତ୍ୱପୂର୍ଣ୍ଣ ବିଷୟ । ଦେବେନ୍ଦ୍ର ଫର୍ଣ୍ଣାବିଶ ତାଙ୍କ ଭାଷଣରେ ଏହି ନାରାକୁ ଜୋରଦାର ସମର୍ଥନ କରିଥିଲେ । ତାଙ୍କର ଆସନ ସଂଖ୍ୟା ୧୦୬ ରୁ ୧୩୨ ହୋଇଗଲା । ୧,୧୭ ଓ ୨୬ ଆସନ ବୃଦ୍ଧିର ଗଣିତ ଏହି ଜନପ୍ରିୟ ନାରା ଭିତରେ ଅଛି । ଏହି ନାରା ହରିୟାନା ନିର୍ବାଚନରେ ତାର ଯାଦୁ ଦେଖେଇ ସାରିଥିଲା । ଏବେ ମହାରାଷ୍ଟ୍ର ନିର୍ବାଚନରେ ପୁଣିଥରେ ନିଜର ଶକ୍ତିକୁ ପ୍ରମାଣିତ କରିଦେଲା । ପ୍ରଧାନମନ୍ତ୍ରୀ ତାଙ୍କର ଭାଜପା କାର୍ଯ୍ୟାଳୟରେ ଦେଇଥିବା ଭାଷଣରେ ମହାରାଷ୍ଟ୍ର ନିର୍ବାଚନରେ ଏହି ନାରାର ପ୍ରଭାବକୁ ଉଲ୍ଲେଖ କରିଛନ୍ତି । କଂଗ୍ରେସ ଗଟବନ୍ଧନ ଲୋକସଭା ନିର୍ବାଚନରେ ଧରିଥିବା ପୁରୁଣା ଅସ୍ତ୍ର ସମ୍ବିଧାନ ବଂଚାଅ ଓ ସରଂକ୍ଷଣ ବଂଚାଅ ନାରାରେ ସୀମିତ ରହିଗଲା । ରାହୁଲ ଗାନ୍ଧୀ ସମ୍ବିଧାନର ଖାଲି କପି ଧରି ମଂଚରେ ଭାଷଣ ଦେବା ପାଇଁ ବାହାରି ପଡିଲେ । ତାଙ୍କ ଭାଷଣରେ ସାମାଜିକ ସୁରକ୍ଷା ସ୍ଥାନ ପାଇପାରିଲା ନାହିଁ । ଅନ୍ୟ ଦିଗରେ କଂଗ୍ରେସ ଦଳ ମୋଦି ଓ ଯୋଗୀଙ୍କ ସାମାଜିକ ସୁରକ୍ଷାର ନାରାକୁ ସମାଲୋଚନା କରିବା ଆରମ୍ଭ କଲା । ଜାତି ଜନଗଣନା ଓ ସାମାଜିକ ବିଭାଜନ ନିର୍ବାଚନ ଭାଷଣରେ ସ୍ଥାନ ପାଇଲା । ଏପରି ପରିବେଶ ଭିତରେ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କ ଅତୀତରେ ଦିଆଯାଇଥିବା ଭାଷଣ ଲୋକଙ୍କ ଭିତରେ ଅଧିକ ସଚେତନତା ଆଣିଦେଲା । ପୂର୍ବରୁ ତାଙ୍କ ଭାଷଣରେ ସେ କହିଥିଲେ ଯେ ରଜାକାର ମାନେ ତାଙ୍କ ବାପା ଓ ଭଉଣୀଙ୍କୁ ନିର୍ମମ ହତ୍ୟା କରିଛନ୍ତି । ଦେଶ ବିଭାଜନ ପରେ ହାଇଦ୍ରାବାଦ ମିଶ୍ରଣ ସମୟରେ ନିଜାମଙ୍କ ମୁସଲିମ ସେନା(ରଜାକାର)ହିନ୍ଦୁଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ । ସେହି ଅତ୍ୟାଚାର ଭିତରେ ତାଙ୍କ ପରିବାରର ହତ୍ୟା ହୋଇଯାଇଥିଲା । ତାଙ୍କ ପରିବାରର ସଂଘର୍ଷ ଓ ଅସୁରକ୍ଷିତ ଅବସ୍ଥାର ଲୋମହର୍ଷଣକାରୀ ଭାଷଣ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିଲା ।

# ଭୋକର ଭୂଗୋଳ ଓ ଦାରିଦ୍ର୍ୟର ମାନଚିତ୍ର

ବ୍ରାଜିଲର ରାଜଧାନୀ ରିଓ ଡେ ଜେନେରୋର ଆଧୁନିକ ଚିତ୍ରକଳା ସଂଗ୍ରହାଳୟଠାରେ ଜି ୨୦ ରାଷ୍ଟ୍ର ସମୂହର ନେତୃବୃନ୍ଦଙ୍କର ୧୯ଶ ବୈଠକ ନଭେମ୍ବର ୧୮-୧୯ ଦୁଇଦିନଧରି ନିକଟରେ ଅନୁଷ୍ଠିତ ହୋଇଯାଇଛି । ବ୍ରାଜିଲରେ ଜି ୨୦ ବୈଠକ ଆୟୋଜନ ହେବା ଏହା ପ୍ରଥମ ଥିଲା । ୨୦୨୩ରେ ଆଫ୍ରିକୀୟ ସଂଘକୁ ସାମିଲ କରାଯିବା ପରେ ଏହାର ସଦସ୍ୟତା ସଂଖ୍ୟା ୨୧କୁ ବୃଦ୍ଧି ପାଇଥିଲେ ମଧ ଗୋଷ୍ଠୀର ନାମ ପରିବ□ନ କରାଯାଇନାହିଁ । ଚଳିତବର୍ଷର ଆଲୋଚନାରେ ଜି ୨୦ଗୋଷ୍ଠୀର ସଦସ୍ୟରାଷ୍ଟ୍ରମାନଙ୍କ ଛଡା ଆଙ୍ଗୋଲା, ମାଲି, ଇଜିପ୍ଟ, ମାଲେସିଆ, ଇରାନ ଓ ସିଙ୍ଗାପୁର ନିମନ୍ତ୍ରିତ ରାଷ୍ଟ୍ରଭାବେ ଯୋଗଦାନ କରିଥିଲେ । ଆନ୍ତର୍ଜାତିକ ଅନୁଷ୍ଠାନ ମଧରେ ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଂଗଠନ, ଜାତିସଂଘ, ବିଶ୍ୱ ଶ୍ରମିକ ସଂଗଠନ ବିଶ୍ୱ ବିକାଶ ବ୍ୟାଙ୍କ, ବିଶ୍ୱ ମୁଦ୍ରା ପାଣ୍ଠି, ୟୁନେସ୍କୋ ସମେତ ଅନ୍ୟାନ୍ୟ ସଂସ୍ଥାର ୧୫ଜଣ ମୁଖ୍ୟମାନେ ମଧ ଯୋଗ ଦେଇଥିଲେ । ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦା ସିଲ୍‌ଭା ଏହି ବୈଠକରେ ଅଧକ୍ଷତା କରିଥିଲେ । ଗତବର୍ଷ ୨୦୨୩ରେ ଭାରତର ନୂଆଦିଲ୍ଲୀଠାରେ ଜି୨୦ର ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ବୈଠକରେ ଅଧକ୍ଷତା କରିଥିଲେ । ୧ ଡିସେମ୍ବର ୨୦୨୩ରେ ଜି୨୦ର ଅଧକ୍ଷତା ଦାୟିତ୍ୱ ବ୍ରାଜିଲ ରାଷ୍ଟ୍ରପତି ଲୁଇସ ଇନାସିଓ ଦା ସିଲ୍‌ଭା ବିଧିବଦ୍ଧ ଭାବେ ଗ୍ରହଣ କରିଥିଲେ । ନିରନ୍ତର ବିକାଶଶୀଳ ଜଗତ ନିର୍ମାଣ ଥିଲା ତାଙ୍କର ବିଚ୍ଚର । ଯାହାକୁ ସେ ଆଗକୁ ନେବାକୁ ଯାଇ 'ଭୋକର ଭୂଗୋଳ ଓ ଦାରିଦ୍ର୍ୟର ମାନଚିତ୍ର' ବଦଳାଇବାକୁ ଆହ୍ୱାନ ଦେଇଛନ୍ତି । ୨୦୨୪ର ଜି୨୦ ବୈଠକ ପାଇଁ ବ୍ରାଜିଲ ପକ୍ଷରୁ ତିନୋଟି ବିଷୟକୁ ରଖାଯାଇଥିଲା- (୧) ଅନାହାର ବିରୋଧୀ ସଂଗ୍ରାମରେ ସମାଜକୁ ସଂପୃକ୍ତ କରିବା, (୨) ଶକ୍ତିର ସଂକଟ ଓ ନିରନ୍ତର ସାମାଜିକ, ଆର୍ଥିକ ଏବଂ ପରିବେଶଗତ ବିକାଶ, (୩) ଜାତିସଂଘ ପରି ବିଶ୍ୱ ସଂଗଠନ ଗୁଡିକରେ ସଂସ୍କାର । ବ୍ରାଜିଲ ରାଷ୍ଟ୍ରପତି ଲୁଲା ୧୦ ସେପ୍ଟେମ୍ବର ୨୦୨୩ରେ ଭାରତରେ ଜି୨୦ ରାଷ୍ଟ୍ରଗୋଷ୍ଠୀର ଆଲୋଚନାରେ ଅଂଶଗ୍ରହଣ କରି ଜଳବାୟୁ ପରିବ□ନ ପାଇଁ ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟଗୋଷ୍ଠୀ ଗଠନ ଲାଗି ଆହ୍ୱାନ ଦେଇଥିଲେ । ଜଳବାୟୁ ପରିବ□ନ ଯୋଗୁଁ କ୍ଷତିଗ୍ରସ୍ତ ଲୋକମାନଙ୍କ ମଧରେ ଅସମାନତା ହ୍ରାସ ପାଇଁ ପଦକ୍ଷେପ ନେବାକୁ ସେ କହିଥିଲେ । ଆନ୍ତର୍ଜାତିକ ସ୍ତରର ସଂଗଠନଗୁଡିକର ସମନ୍ୱିତ ସଂସ୍କାର ଅଣାଯିବା ସଂକ୍ରାନ୍ତରେ ଲୁଲା ଗୁରୁତ୍ୱାରୋପ କରିଥିଲେ । ବିଶ୍ୱବ୍ୟାଙ୍କ, ବିଶ୍ୱ ମୁଦ୍ରା ପାଣ୍ଠି, ବିଶ୍ୱ ବାଣିଜ୍ୟ ସଂଗଠନ, ଜାତିସଂଘର ସୁରକ୍ଷା ପରିଷଦରେ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତିନିଧି ସଂଖ୍ୟା ବୃଦ୍ଧି କରିବା, ବିଶ୍ୱ ପଟଳରେ ଦକ୍ଷିଣ ବିଶ୍ୱର ପ୍ରଭାବ ବୃଦ୍ଧି କରାଯିବା ଲାଗି ଉଲ୍ଲେଖ କରିଥିଲେ । ପ୍ରଥମ ଥର ପାଇଁ ବ୍ରାଜିଲର ରାଷ୍ଟ୍ରପତି ସିଭିଲ ସୋସାଇଟୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଶିଖର ବୈଠକ ନିମି□ ସେମାନଙ୍କ ପରାମର୍ଶ ପାଇଁ ଆହ୍ୱାନ ଦେଇଥିଲେ । ତଦନୁଯାୟୀ ୨୪ ଜୁଲାଇ ୨୦୨୪ରେ ବ୍ରାଜିଲ ସରକାରଙ୍କ ଦ୍ୱାରା କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ଆନ୍ତର୍ଜାତିକ ମେ□ ଗଠନ ନିମନ୍ତେ ପ୍ରସ୍ତାବ ପ୍ରସ୍ତୁତ କରିଥିଲେ । ୨୦୨୪ନଭେମ୍ବର ଆଲୋଚନା କାଳରେ ସେହି ପ୍ରସ୍ତାବପତ୍ରରେ ସଂଶୋଧନ ଆଣିବାକୁ କୁହାଯାଇଥିଲା । ବ୍ରାଜିଲ ସରକାର ଜି୨୦ ବୈଠକକୁ ଦେଶର ୧୫ଟି ସହରରେ ପହ□ାଇବା ସହ କାର୍ଯ୍ୟକ୍ରମ ଆୟୋଜନ ନିମି□ ୬୦ ମିଲିଅନ ଡଲାର ପ୍ରଦାନ କରିଥିଲେ । ୨୧-୨୨ ଫେବୃଆରୀ ୨୦୨୪ରେ ଦେଶରେ ଅନୁଷ୍ଠିତ ଜି୨୦ ରାଷ୍ଟ୍ରସମୂହର ବୈଦେଶିକ ମନ୍ତ୍ରୀମାନଙ୍କ କାର୍ଯ୍ୟକ୍ରମ ଲାଗି ସରକାର ପ୍ରାୟ ୧୨୦୦ ସେନା ଯବାନ ଓ ଅଧିକାରୀ, ପୋଲିସ ଅଧିକାରୀଙ୍କୁ ମୁତୟନ କରିଥିଲେ । ଆଲୋଚନାସ୍ଥଳୀ ଥିବା ଆଧୁନିକ କଳା ସଂଗ୍ରହାଳୟ (ରିଓ) ଠାରେ ଅଧିକ ନିର୍ମାଣ ପାଇଁ ପ୍ରାୟ ୭.୬ ମିଲିଅନ ଆମେରିକା ଡଲାର ଖର୍ଚ୍ଚ କରିଥିଲେ । ଏପ୍ରିଲ ମାସରେ ସୁରକ୍ଷା ପାଇଁ ମକଡ୍ରିଲ କରାଯାଇଥିଲା । ସା□ୋସ ଡୁମ□ ବିମାନବନ୍ଦରକୁ ବନ୍ଦ ରଖିବାକୁ ନିଷ୍ପ□ ନିଆଯାଇଥିଲା । ବ୍ରାଜିଲର ବାୟୁସେନା ଆକାଶମାର୍ଗରୁ ସୁରକ୍ଷା ଦେବାକୁ ନିଯୁକ୍ତ ହେବେ ବୋଲି କୁହାଯାଇଥିଲା । ଆଲୋଚନା ପାଇଁ ସରକାର ପ୍ରାୟ ୨୦ ହଜାର ସୁରକ୍ଷାକର୍ମୀ, ପୋଲିସ ଓ ଯବାନଙ୍କୁ ମୁତୟନ କରିଥିଲେ । ସେମାନେ ୮ଟି କେନ୍ଦ୍ରରେ ସୁରକ୍ଷା ଦେବା ପାଇଁ ନିଯୁକ୍ତ ଥିଲେ । ବିଷୟ ଦୃଷ୍ଟିରୁ ରୁଷିଆ- ୟୁକ୍ରେନ ଯୁଦ୍ଧ, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଗିରଫ କରାଯିବାଲାଗି ଆନ୍ତର୍ଜାତିକ ଅଦାଲତ ଗିରଫ ପରୱାନା ଜାରି କରିଥିଲା । ୯ ସେପ୍ଟେମ୍ବର ୨୦୨୩ ଦିନ ଲୁଲା କହିଥିଲେ ଯେ ପରବ□ୀ ବର୍ଷ ୨୦୨୪ରେ ପୁତିନ ରିଓଠାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ବୈଠକରେ ଯୋଗଦାନ କରିପାରିବେ । କିନ୍ତୁ ବସ୍ତୁସ୍ଥିତି ସେପରି ନଥିଲା । ଡିସେମ୍ବର ୨୦୨୩ରେ ଲୁଲା କହିଲେ ଯେ ବ୍ରାଜିଲରେ ପୁତିନ ଗିରଫ ହୋଇପାରନ୍ତି, କିନ୍ତୁ ଏହାର ନିଷ୍ପ□ କେବଳ ବ୍ରାଜିଲର ସ୍ୱାଧୀନ ନ୍ୟାୟପାଳିକା ନେବ, ସରକାର ନୁହେଁ । ଫଳତଃ ୧୮ ଅକ୍ଟୋବର ୨୦୨୪ରେ ପୁତିନ ନିଜ ଆଡୁ କହିଲେ, "ମୋ ଗସ୍ତ ଗୋଷ୍ଠୀର କାର୍ଯ୍ୟକୁ ବାଧା ପହ□ାଇବାର ସମ୍ଭାବନା ରହିଛି ।" ତେଣୁ ସେ ବୈଠକକୁ ନଆସିବାକୁ ନିଷ୍ପ□ ନେଇ ବିଦେଶ ମନ୍ତ୍ରୀ ଲାଭାରୋଭଙ୍କୁ ପଠାଇଲେ । ସଂପ୍ରତି ବିଶ୍ୱ ଏକ ସନ୍ଧିକ୍ଷଣ ସମୟ ଦେଇ ଗତି କରୁଛି । ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ହାରିଯିବା ପରେ ଡେମୋକ୍ରାଟ ଦଳର ପ୍ରାର୍ଥୀ ଜୋ ବାଇଡେନ ରିପବ୍ଲିକାନ ଦଳର ଟ୍ରମ୍ପ ସରକାର କ୍ଷମତା ଗ୍ରହଣ କରିବା ପୂର୍ବରୁ ଚତୁର୍ଦ୍ଦିଗରେ ବ୍ୟାପକ ଅସ୍ଥିରତା ସୃଷ୍ଟି କରିବା ଉଦ୍ୟମ ଆରମ୍ଭ କରିଛନ୍ତି । ୟୁକ୍ରେନକୁ ରୁଷିଆର ମସ୍କୋକୁ ରକେଟମାଡ କରିବାଲାଗି ବାଇଡେନ କ୍ଷେପଣାସ୍ତ୍ର ପ୍ରଦାନ କରିଛନ୍ତି । ଏଣେ ଭାରତ ବିରୋଧରେ ନୂତନ ମୋର୍ଚ୍ଚା ଖୋଲିବା ଲାଗି ନିଜ ଇକୋସିଷ୍ଟମକୁ ସକ୍ରୀୟ କରି ଦେଇଛନ୍ତି । ଯାହାର ପ୍ରଭାବ ଭାରତରେ ମଧ ଦେଖିବାକୁ ମିଳିଛି । ବାଇଡେନଙ୍କ ସିଷ୍ଟମ୍ଭ ଭାବେ ଭାରତରେ କାର୍ଯ୍ୟରତ ରାହୁଲ ଗାନ୍ଧି ମଧ ଆମେରିକା ତାଳରେ ନାଚିବା ଆରମ୍ଭ କରିଦେଇଛନ୍ତି । ଆଦାନୀଙ୍କ ବିରୁଦ୍ଧରେ ଅତୀତରେ ଆମେରିକାରେ ଅଭିଯୋଗ ଉଠିଥିଲା, ଯାହାପରେ ମିଛ ବୋଲି ଜଣାପଡିଲା । ଏବେ ମଧ ଠିକ୍ ସେମିତି ନୂଆ ଅଭିଯୋଗ ଉଠିଛି । ଆଉ ସେମାନଙ୍କ ଦଳରେ ଭାରତର କଂଗ୍ରେସ ଦଳ ମଧ ଅଭିଯୋଗ ଆଣି ନାଚିବାରେ ଲାଗିଛି ଲେଫ୍ଟ ଲିବରାଲ-ଇସଲାମିଷ୍ଟ ସିଷ୍ଟମ ଆମେରିକାରେ ଦୁର୍ବଳ ହେଲାପରି ଭାରତରେ ଏହି ସିଷ୍ଟମ୍ଭ ଭାବେ ପରିଚିତ କଂଗ୍ରେସ ଦଳ ମଧ ସମାନ ଢଙ୍ଗରେ ଦୁର୍ବଳ ହେଲାବେଳେ ଦଙ୍ଗା, ଜଳାପୋଡା, ମିଛ ଅଭିଯୋଗ ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରିବାକୁ ଲାଗିପଡିଛି । ତେଣୁ ଜି ୨୦ ବୈଠକରେ ଯୋଗ ଦେଇଥିବା ଭାରତ ମଧ ଆମେରିକାକ ଇକୋ ସିଷ୍ଟମ୍ଭ ପ୍ରତି ସତର୍କ ରହି କାର୍ଯ୍ୟ କରୁଛି । ନିକଟରେ ବଙ୍ଗଳାଦେଶ କ୍ଷମତା ପରିବ□ନରେ ସଫଳ ହୋଇଥିବା ବାଇଡେନ ପ୍ରଶାସନ ଭାରତରେ କ୍ଷମତା ପରିବ□ନ କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲା । ସାହିନବାଗର ଦଙ୍ଗା, ସିଙ୍ଘୁ ସୀମାରେ କୃଷକଙ୍କ ଧାରଣା, ପଞ୍ଜାବରେ ଖାଲିସ୍ଥାନରେ ଅଭ୍ୟୁଦୟ, ତାମିଲନାଡୁ ଓ କର୍ଣ୍ଣାଟକରେ ଭାରତ ବିରୋଧୀ ଆଭିମୁଖ୍ୟ, କେରଳରେ ଦେଶ ବିରୋଧୀ ନୀତି ଗ୍ରହଣ ଆଦି ଏହାର କାରଣ । ତେଣୁ ଜି ୨୦ ବୈଠକ କାଳରେ ଭାରତ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଛି । ଖାଲିସ୍ଥାନୀ ସନ୍ତ୍ରାସବାଦୀଙ୍କୁ ସମର୍ଥନ ଦେଉଥିବା କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କୁ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱ ଦେଇ ନଥିଲେ । ଅପରପକ୍ଷେ ସେ ବୈଠକର ସୁଯୋଗରେ ଅନେକ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଏହି ଅବସରରେ ବ୍ରାଜିଲ ଦ୍ୱାରା ଗଠିତ କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ବିଶ୍ୱ ମେ□ରେ ୧୪୭ତମ ସଦସ୍ୟ ଭାବେ ଭାରତ ଯୋଗଦାନ କରିଥିଲା । ଦ୍ୱିପାକ୍ଷିକ ଆଲୋଚନା ବେଳେ ବ୍ରାଜିଲ ଭାରତକୁ ନିଜ ପ୍ରତିରକ୍ଷା ପରିବହନ ବିମାନ ଦେଇ ଭାରତରୁ ତେଜସ ଯୁଦ୍ଧ ବିମାନ ପାଇବାକୁ ଇଚ୍ଛାପ୍ରକାଶ କରିଥିଲା । ଏହା ବସ୍ତୁ ବଦଳରେ ବସ୍ତୁ ପ୍ରଦାନ ଡା□ାରେ ହେବ ବୋଲି କହିଥିଲା । ଭାରତ ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିବାକୁ ହେବ । କାରଣ ତେଜସ ଯୁଦ୍ଧ ବିମାନର ଅନେକ ପ୍ରଶଂସା ଅତୀତରେ ଶୁଣାଯାଇଥିଲେ ମଧ ଏପର୍ଯ୍ୟନ୍ତ ଜଣେ ଗ୍ରାହକ ପାଇବା କଷ୍ଟକର ହୋଇଛି । ବ୍ରାଜିଲ ଯଦି ତେଜସ ନେବାକୁ ସକ୍ଷମ ହୁଏ ତେବେ ସେ ଭାରତର ପ୍ରଥମ ଯୁଦ୍ଧବିମାନ ଗ୍ରାହକ ହେବ, ଯାହା ରହୁଁଛି । ଏହି ଶିଖର ଆଲୋଚନାରେ ଜି୨୦ର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆର୍ଜେ□ନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଜର୍ମାନୀ, ଫ୍ରାନ୍ସ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା, ବ୍ରାଜିଲ ଆଦି ରାଷ୍ଟ୍ରର ମୁଖ୍ୟ କିମ୍ବା ପ୍ରତିନିଧି ଯୋଗଦାନ କରିଥିଲେ । ତେବେ ଜି ୨୦ ବୈଠକକୁ ସଫଳ କରିବାଲାଗି ପ୍ରୟାସ ଗତବର୍ଷରୁ ଆରମ୍ଭ ହୋଇଥିଲା । ୧ ଡିସେମ୍ବର ୨୦୨୩ରେ ବ୍ରାଜିଲ ହାତକୁ ଏହାର ଅଧକ୍ଷତା ଆସିଲା ପରେ ଲୁଲା ଦା ସିଲଭା ଅତି ସଫଳତାର ସହ ପରିଚ୍ଚଳନା କରିଥିଲେ । ୨୧-୨୨ ଫେବୃଆରୀ ୨୦୨୪ରେ ଜି୨୦ ବିଦେଶମନ୍ତ୍ରୀମାନଙ୍କର ବୈଠକ ହୋଇଥିଲା । ୨୮-୨୯ଫେବୃଆରୀ ୨୦୨୪ରେ ସାଓ ପାଓଲୋ ସହରରେ ଜି ୨୦ ସଦସ୍ୟ ରାଷ୍ଟ୍ରଗୁଡିକର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କର ଏକ ବୈଠକ ହୋଇଥିଲା । ୧୩ମାର୍ଚ୍ଚ ୨୦୨୪ରେ ଜି୨୦ ସଦସ୍ୟ ରାଷ୍ଟ୍ରମାନଙ୍କ ସ୍ୱାସ୍ଥ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ଆଭାସୀ ବ୍ୟବସ୍ଥାରେ ହୋଇଥିଲା । ନିସିଆ ତ୍ରିନିଦାଦେଙ୍କ ଅଧକ୍ଷତାରେ ଜି୨୦ ସ୍ୱାସ୍ଥ୍ୟ କାର୍ଯ୍ୟ ଗୋଷ୍ଠୀ ଆଲୋଚନା ହୋଇଥିଲା । ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମହାମାରୀ ସମସ୍ୟା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଟେକ୍ନୋଲୋଜି ସବୁ ରାଷ୍ଟ୍ରଙ୍କୁ ଦେବା ଉପରେ ଜୋର ଦିଆଯାଇଥିଲା । ୨୨-୨୩ ଜୁଲାଇ ୨୦୨୪ରେ ରିଓ ଡି ଜେନେରୋଠାରେ ବିକାଶମନ୍ତ୍ରୀମାନଙ୍କ ବୈଠକ ହୋଇଥିଲା । ୨୫-୨୬ ଜୁଲାଇଲେ ରିଓଠାରେ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କର ବୈଠକ ହୋଇଥିଲା, ଯେଉଁଥିରେ ଆନ୍ତର୍ଜାତିକ ଟିକସ ସହାୟତା ପାଇଁ ଆଲୋଚନା ହୋଇଥିଲା । ସେମିତି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀସ୍ତରିୟ ବୈଠକରେ କାର୍ଯ୍ୟକ୍ଷେତ୍ରରେ ଥିବା ଅସମାନତାକୁ ହ୍ରାସ କରାଯିବା ଲାଗି ସ୍ଥିର ହୋଇଥିଲା । କାର୍ଯ୍ୟ କ୍ଷେତ୍ରରେ ଶ୍ରମିକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦେବାଲାଗି କୁହାଯାଇଥିଲା । ୧୨-୧୩ ସେପ୍ଟେମ୍ବର ୨୦୨୪ରେ ମାଟୋ ଗ୍ରୋସୋ ରାଜ୍ୟରେ ଜି୨୦ କୃଷିମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ୧୯ ସେପ୍ଟେମ୍ବର ୨୦୨୪ରେ ମନାଉସଠାରେ ନବସର୍ଜନ ଓ ଗବେଷଣା ପାଇଁ ମନ୍ତ୍ରିସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା । ଏଠାରେ ବିବିଧତା, ସମାନତା, ଗ୍ରହଣଶୀଳତାକୁ ବିଜ୍ଞାନ,ବୈଷୟିକଜ୍ଞାନ ଓ ନବସର୍ଜନ ସହ ସମ୍ମିଶ୍ରଣ କରାଯିବାଲାଗି ମତପ୍ରକାଶ ପାଇଥିଲା । ୨୧ ସେପ୍ଟେମ୍ବର ୨୦୨୪ରେ ବେଲେମଠାରେ ଜି୨୦ ପର୍ଯ୍ୟଟନ ମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ପର୍ଯ୍ୟଟନ କ୍ଷେତ୍ରରେ ଯୋଗ୍ୟତା ପଦକ୍ଷେପ ଓ ବୈଷୟିକ ପ୍ରଶିକ୍ଷଣ ଉପରେ ଜୋରଦେବାକୁ ମତ ଉଠିଥିଲା । ୨୭ ସେପ୍ଟେମ୍ବର ୨୦୨୪ରେ ଜି୨୦ ଅର୍ଥ ଓ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କର ମିଳିତ ବୈଠକ ଏମ୍‌ପକ୍ସର ମୁକାବିଲା ପାଇଁ ହୋଇଥିଲା । ରିଓ ଡି ଜେନେରୋଠାରେ ୩ ଅକ୍ଟୋବର ୨୦୨୪ରେ ଜଳବାୟୁ ଓ ପରିବେଶ ମନ୍ତ୍ରୀମାନଙ୍କର ବୈଠକ ହୋଇଥିଲା । ୪ ଅକ୍ଟୋବର ୨୦୨୪ରେ ଫୋଜ୍ ଡୁ ଇଗନାକୁଠାରେ ଶକ୍ତି ମନ୍ତ୍ରୀମାନଙ୍କର ବୈଠକରେ ଶୁଦ୍ଧ, ସ୍ଥାୟୀ ସହଜରେ ଉପଲବ୍ଧ ଶକ୍ତିର ଯୋଗାଣ ଦରିଦ୍ର ଲୋକମାନଙ୍କୁ କରାଯିବା ଦରକାର ବୋଲି ମତପ୍ରକାଶ ପାଇଥିଲା । ୧୦ ଅକ୍ଟୋବର ୨୦୨୪ରେ ବ୍ରାସିଲିଆଠାରେ ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା ହୋଇଥିଲା ।

**ସୌମେନ୍ଦ୍ର ଜେନା**
ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମହାକାନ୍ତାର, ତ୍ରିକଳିଙ୍ଗ, କାରୁଣ୍ଡ ମଣ୍ଡଳ, ଇନ୍ଦ୍ରବନ, ଚକ୍ରକୋଟ ମଣ୍ଡଳ ରୁ ଆଧୁନିକ କଳାହାଣ୍ଡି

କଳା ରେ ଭରପୁର ହାଣ୍ଡି ଏବଂ କଳା ହାଣ୍ଡି ଭଳି କଳାହାଣ୍ଡି ପାଇଁ ଅନେକ ବ୍ୟାଖ୍ୟା ହେଉଥିବା ବେଳେ ମହାକାନ୍ତାର, ତ୍ରିକଳିଙ୍ଗ, କାରୁଣ୍ଡ ମଣ୍ଡଳ, ଇନ୍ଦ୍ରବନ, ଚକ୍ରକୋଟ ମଣ୍ଡଳ ଭଳି ଅନେକ ନାମ ରୁ ଆଧୁନିକ କଳାହାଣ୍ଡି ର ନାମ କରଣ ହୋଇଥିବାର ଇତିହାସ ପୃଷ୍ଠଭୂମି ରହିଛି । ଅଠର ଗଡ ର ରାଜ୍ୟ ଥିଲା କଳାହାଣ୍ଡି । କଳାହାଣ୍ଡି ଜିଲ୍ଲା ଗଠନ ୧୯୪୯ ମସିହା ୧ ତାରିଖ ଦିନ ହୋଇଥିବା ବେଳେ ପୂର୍ବରୁ ଏହା କଳାହାଣ୍ଡି ଗଡଜାତ ରାଜ୍ୟ ଭାବେ ପରିଗଣିତ ହେଉଥିଲା । ସମଗ୍ର ଓଡ଼ିଶାର ୨୭ ଗୋଟି ଗଡଜାତ ମଧ୍ୟରୁ କଳାହାଣ୍ଡି ଗଡଜାତ ଅନ୍ୟତମ ରାଜ୍ୟ । କଳାହାଣ୍ଡି ର ତତ୍କାଳୀନ ମହାରାଜା ହିଁ ଓଡ଼ିଶାର ଶେଷ ରାଜା ଯିଏ କି ଭାରତ ବର୍ଷରେ ବିଲୀନ ହେବା ପାଇଁ ସବା ଶେଷରେ କଟକ ଠାରେ ସ୍ୱାକ୍ଷରିତ କରିଥିଲେ । ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାପଡେ ଯେ, କଳାହାଣ୍ଡି ରାଜ୍ୟ ୧ ନଭେମ୍ବର ୧୯୪୮ ରେ ଭାରତ ବର୍ଷରେ ମିଶ୍ରଣ ହେବା ପରେ ସମ୍ବଲପୁର ଜିଲ୍ଲା ଅଧୀନ ରେ ଥିବା ନୂଆପଡ଼ା ଉପଖଣ୍ଡ କୁ କଳାହାଣ୍ଡି ରେ ମିଶ୍ରଣ କରି ଓଡ଼ିଶା ସରକାରଙ୍କ ଅଧୀନରେ ନୂତନ କଳାହାଣ୍ଡି ଜିଲ୍ଲା ଭାବେ ଘୋଷଣା କରାଯାଇଥିଲା । ସେତେବେଳେ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ର ଧର୍ମଗଡ ଉପଖଣ୍ଡ, ଭବାନୀପାଟଣା ଉପଖଣ୍ଡ ଏବଂ କାଶୀପୁର ବ୍ଲକ ଥିଲା ଏବଂ ସେଥିରେ ନୂଆପଡ଼ା ଉପଖଣ୍ଡ ସାମିଲ ହୋଇ ଏକ ବୃହତ କଳାହାଣ୍ଡି ଜିଲ୍ଲା ୧ ନଭେମ୍ବର ୧୯୪୮ ଗଠନ ହେଲା । ସେହି ଦିନ ଠାରୁ ନଭେମ୍ବର ୧ ତାରିଖ କୁ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି । ଅବଶ୍ୟ ପ୍ରଶାସନିକ ସୁବିଧା ଦୃଷ୍ଟିକୋଣରୁ ୧୯୬୭ ମସିହାରେ କାଶୀପୁର ବ୍ଲକ କୁ କୋରାପୁଟ ଜିଲ୍ଲା ର ରାୟଗଡା ଉପଖଣ୍ଡ ରେ ସାମିଲ କରାଯାଇଥିବା ବେଳେ ୧୯୯୩ ମସିହାରେ ନୂଆପଡ଼ା ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷଣା କରାଯାଇଛି । ଅର୍ଥାତ ୧୯୪୮ ମସିହାରେ କଳାହାଣ୍ଡି ଜିଲ୍ଲା ର ଯେଉ ପରିସୀମା ଥିଲା ଆଜି ତାହା ଆଉ ନାହି । କଳାହାଣ୍ଡି ଆଜିମଧ ରତ୍ନଗର୍ଭା । ଚାଷ ରେ ଉନ୍ନତ ଥିବା ବେଳେ ବଙ୍ଗ ଦୁର୍ଭିକ୍ଷ ସମୟରେ କଳାହାଣ୍ଡି ରୁ ଏକ ଲକ୍ଷ ଟନ ଚାଉଳ ଯୋଗାଣ କରାଯାଇଥିବା ତଥ୍ୟ ରହିଛି । ସେହିପରି ଚାଷ କାର୍ଯ୍ୟ ରେ ଜଳସେଚନ ର ଉନ୍ନତି ପାଇଁ କଳାହାଣ୍ଡି ରେ ୧୯୩୦ ମସିହାରେ ଇନ୍ଦ୍ରାବତୀ ଜଳ ସେଚନ ଯୋଜନା ର ପରିକଳ୍ପନା କରାଯାଇଥିଲା ଯାହାକି ସ୍ୱାଧୀନତା ପରେ ୧୯୭୮ ରେ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିପାରିଥିଲା । ଏତେ ସମୃଦ୍ଧ ଥିଲେ ମଧ କଳାହାଣ୍ଡି ରେ ୧୯୬୭ ପରଠାରୁ ୧୯୮୦ ମଧରେ ବିଶେଷ କରି ନୂଆପଡ଼ା ଅଞ୍ଚଳରେ ଦୁର୍ଭିକ୍ଷ ହେବପରେ ଦେଶର ପ୍ରଧାନମନ୍ତ୍ରୀଙ୍କ ଆଗମନ ହେବାପରେ ଏହି ଅଞ୍ଚଳ ର ବିକାଶ ପାଇଁ କେବିକେ ପ୍ରୋଜେକ୍ଟ ନାମରେ ଏକ ନୂତନ ଯୋଜନା ର ସୂତ୍ରପାତ ହୋଇଥିଲା । ସେଦିନର ଭୋକର ଭୂଗୋଳ କଳାହାଣ୍ଡି ଆଉ ନାହିଁ, ଆଜିର କଳାହାଣ୍ଡି ରାଜ୍ୟର ଦ୍ୱିତୀୟ ବୃହତ ଧାନ ଉତ୍ପାଦନକାରୀ ଜିଲ୍ଲା ଭାବେ ପରିଗଣିତ । ସେଦିନର କଳାହାଣ୍ଡି ଏବଂ ଆଜିର କଳାହାଣ୍ଡି ମଧ ରେ ଆକାଶ ପାତାଳ ଫରକ ଦେଖାଗଲାଣି । ଆଜି ର କଳାହାଣ୍ଡି ମାଟିରେ ଅନେକ ଜିଲ୍ଲା ଓ ରାଜ୍ୟର ଅନେକ ଲୋକ ଆସି ବସ ବାସ କଲେଣି, ଫଳତଃ ଏହାର ସାଂସ୍କୃତିକ, ସାମାଜିକ ଓ ପାରିବାରିକ ପରମ୍ପରା କ୍ରମଶଃ ବଦଳିବାରେ ଲାଗିଛି । କଳାହାଣ୍ଡି ଗଡଜାତ ରାଜ୍ୟ ବ୍ରିଟିଶ ଶାସନାଧୀନ ଥିବା ସମୟରେ କାରୁଣ୍ଡ ମଣ୍ଡଳ ନାମରେ ନାମିତ ଥିବା ସହିତ ଏହାର ଅଧିଷ୍ଠାତ୍ରୀ ଦେବୀ ମାଣିକେଶ୍ୱରୀ ଅଟନ୍ତି । ରତ୍ନଗର୍ଭା କଳାହାଣ୍ଡି ରେ ଥିବା ମାଣିକ୍ୟ ର ଅଧୀଶ୍ୱରୀ ବୋଲି ଦେବୀଙ୍କ ନାମ ମାଣିକେଶ୍ୱରୀ ହୋଇଥିବା କୁହାଯାଏ । ଏସବୁ ସତ୍ୱେ କଳାହାଣ୍ଡି ର ଅସ୍ତିତ୍ୱ କୁ ବିଚାର କୁ ନେଲେ ଜୁନାଗଡ ର ଗୁରୁତ୍ୱ ରହିଛି । ଯଦିଓ ୧୦୦୫ ମସିହାରୁ କଳାହାଣ୍ଡି କୁ ନାଗ ବଂଶୀ ରାଜା ମାନେ ଶାସନ କରୁଥିଲେ ଏବଂ ସେମାନଙ୍କ ରାଜଧାନୀ ୧୮୪୯ ମସିହା ପର୍ଯ୍ୟନ୍ତ ଜୁନାଗଡ ରେ ହିଁ ଥିଲା । ବର୍ତ୍ତମାନ ର ଜୁନାଗଡ ସେ ସମୟରେ କଳାହାଣ୍ଡି ନଗର ନାମରେ ନାମିତ ଥିଲା । କଳାହାଣ୍ଡି ଅଧୀନରେ ଅଠର ଗୋଟି ଗଡ ଥିବାର ଜଣାଯାଏ । ସେହିପରି ଛଅ କୋଡି ବନ୍ଧ କୁ ନଅ କୋଟି ତୋଟା ର ନଗର ଥିଲା କଳାହାଣ୍ଡି ନଗର ବା ଆଧୁନିକ ଜୁନାଗଡ । କଳାହାଣ୍ଡି ର ଇତିହାସ ରେ ଜୁନାଗଡ ର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଥିବା ବେଳେ ୧୮୪୯ ମସିହାରେ ତତ୍କାଳୀନ ମହାରାଜା ଫତେ ନାରାୟଣ ଦେଓ ଙ୍କ ସମୟରେ କଳାହାଣ୍ଡି ନଗର ରୁ ଭୌମଦେବ ପାଟଣା ତଥା ଆଜିର ଭବାନୀପାଟଣା କୁ କଳାହାଣ୍ଡି ର ରାଜଧାନୀ କୁ ସ୍ଥାନାନ୍ତର କରାଗଲା ଏବଂ ମାଣିକେଶ୍ୱରୀ ଙ୍କୁ ଇଷ୍ଟ ଦେବୀ ଭାବେ ପୂଜା କରିବାକୁ ଲାଗିଲେ । ନବମ ଓ ଦଶମ ଶତାବ୍ଦୀ ମଧରେ କଳାହାଣ୍ଡି, କୋରାପୁଟ ଓ ବସ୍ତର ଅଞ୍ଚଳ କୁ ମିଶାଇ ତ୍ରିକଳିଙ୍ଗ ନାମରେ ନାମିତ କରାଯାଇଥିଲା । ଏହି ଅନୁସାରେ କଳାହାଣ୍ଡି ସେସମୟରେ ତ୍ରିକଳିଙ୍ଗ ର ଅଂଶ ବିଶେଷ ଥିଲା । ଏହାର କିଛି ସମୟ ପରେ କଳାହାଣ୍ଡି ଚକ୍ରକୋଟ ମଣ୍ଡଳ ମଧରେ ଥିବାର ମଧ କୁହାଯାଏ । ପଞ୍ଚମ ଶତାବ୍ଦୀ ରେ କଳାହାଣ୍ଡି ର ତେଲ ନଦୀ ଅବବାହିକା ଅଞ୍ଚଳ ରେ ପର୍ବତ ଦ୍ୱାରକା ନାମକ ରାଜ୍ୟ ସ୍ଥାପନ କରାଯାଇ ବର୍ତ୍ତମାନ ର ବେଲଖଣ୍ଡି ନିକଟରେ ତାଲଭମ୍ରକ ଠାରେ ରାଜଧାନୀ ସ୍ଥାପନ କରାଯାଇଥିବାର ବର୍ଣ୍ଣିତ ହୋଇଛି । ଚତୁର୍ଥ ଶତାବ୍ଦୀ ରେ କଳାହାଣ୍ଡି, କୋରାପୁଟ ଓ ବସ୍ତର ଅଞ୍ଚଳକୁ ମିଶାଇ ମହାକାନ୍ତାର ରାଜ୍ୟ ନାମରେ ଶାସନ କରାଯାଉଥିଲା । ସେ ସମୟରେ ଘଞ୍ଚ ଜଙ୍ଗଲ ଥିବା ଯୋଗୁ ଏହି ଅଞ୍ଚଳ ର ନାମ କାନ୍ତାର ବା ମହାକାନ୍ତାର ନାମରେ ନାମିତ ହୋଇଥିଲା । ସେ ସମୟରେ କଳିଙ୍ଗ ଓ ମହାକାନ୍ତାର ମଧରେ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିବାରେ ଅସୁର ଗଡ ପ୍ରମୁଖ ଭୂମିକା ନେଇଥିବା କୁହାଯାଏ । ପଞ୍ଚମ ଶତାବ୍ଦୀ ରେ କାନ୍ତାର ବା କଳାହାଣ୍ଡି ରେ ଜଗନ୍ନାଥ ସଂସ୍କୃତି ଆଧାର ରେ ସ୍ତମ୍ଭ ପୂଜାର ଅୟମାରମ୍ଭ କରାଯାଇଥିବା ବେଳେ ସ୍ତମ୍ଭେଶ୍ୱରୀ ଙ୍କ ସାଧନା ପାଇଁ ଅସୁର୍ଗଡ ରେ ପ୍ରଥମ ଇଟା ନିର୍ମିତ ମନ୍ଦିର ନିର୍ମାଣ କରାଯାଇଥିବା ଜଣାପଡିଛି । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ରେ କଳାହାଣ୍ଡି ଅଞ୍ଚଳ ଆଟବିକ ଅଞ୍ଚଳ ନାମରେ ନାମିତ ଥିବା ବେଳେ ଅସୁର ଗଡ ର ଆଟବିକ ଯୋଦ୍ଧା ମାନେ କଳିଙ୍ଗ ଯୁଦ୍ଧରେ ସମ୍ରାଟ ଅଶୋକ ଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ଇତିହାସ ପୃଷ୍ଠା ରୁ ଜଣାପଡେ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ରେ କଳାହାଣ୍ଡି ଅଞ୍ଚଳ ଇନ୍ଦ୍ରବନ ନାମରେ ନାମିତ ହୋଇଥିବା ଇତିହାସ ପୃଷ୍ଠା ରୁ ଜଣାପଡେ । ଏହି ଅଞ୍ଚଳ ଅନେକ ମୂଲ୍ୟବାନ ପଥର ରେ ଭରପୁର ଥିବା ହେତୁ ଏହି ଅଞ୍ଚଳକୁ ଇନ୍ଦ୍ରବନ ନାମରେ ନାମିତ କରାଯାଇଥିବା ଐତିହାସିକ ମାନେ ମତ ପ୍ରକାଶ କରିଥିବା କୁହାଯାଉଛି । କୌଟିଲ୍ୟ ହିଁ କଳାହାଣ୍ଡି ନଗର କୁ ଇନ୍ଦ୍ରବନ ନାମରେ ନାମିତ କରିଥିବା ଜଣାପଡେ । କୌଟିଲ୍ୟ ପ୍ରଣିତ ଅର୍ଥ ଶାସ୍ତ୍ର ରେ ବର୍ଣ୍ଣନା ଅନୁସାରେ ଇନ୍ଦ୍ରାବତୀ ନଦୀ ଓ ତେଲ ନଦୀ ର ମଧ ଭାଗ ଅଞ୍ଚଳ ହିଁ ଇନ୍ଦ୍ରବନ ହୋଇଥିବା ମତ ପ୍ରକାଶ ପାଉଥିବା ବେଳେ ଇନ୍ଦ୍ରବନ ଅନୁସାରେ ଇନ୍ଦ୍ରାବତୀ ନଦୀ ର ନାମ କରଣ ହୋଇଥିବା କୁହାଯାଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ରେ କଳାହାଣ୍ଡି ଅଞ୍ଚଳ ତିଟିଲକ ଜନପଦ ନାମରେ ନାମିତ ହୋଇଥିବା ବେଳେ କଳାହାଣ୍ଡି ବିଭିନ୍ନ ସମୟରେ ବିଭିନ୍ନ ନାମରେ ନାମିତ ହୋଇ ଆସିଛି । କଳାହାଣ୍ଡି ର ଇତିହାସ କୁ ଅବଲୋକନ କଲେ ପ୍ରାକ୍ତନ କଳାହାଣ୍ଡି ନଗର ବା ଆଧୁନିକ ଜୁନାଗଡ ର ସ୍ୱତନ୍ତ୍ରତା ରହିଛି । ମନ୍ଦିର ମାଳିନି ସହର ଏହି ଜୁନାଗଡ ରେ ଅନେକ ଐତିହାସିକ ପୃଷ୍ଠ ଭୂମି ରହିଥିବା ବେଳେ ଜୁନାଗଡ ସହର ମଧରେ ଅନେକ ସତୀ ପଥର ସମେତ ବହୁ ପୁରାତନ ଭିତ୍ତିଭୂମି ରହିଛି । କଳାହାଣ୍ଡି ନଗର ରେ ଆଜି ମଧ ଇନ୍ଦ୍ରଖୁଣ୍ଟି ରହିଛି । ଏଠାରେ ସ୍ୱୟଂ ଦେବରାଜ ଇନ୍ଦ୍ର ଙ୍କୁ ଖୁଣ୍ଟ ରେ ବନ୍ଧା ଯାଇଥିବା ଜନଶ୍ରୁତି ରହିଛି । ତତ୍କାଳୀନ କଳାହାଣ୍ଡି ର ମହାରାଜା ଙ୍କ କଳାହାଣ୍ଡି ନଗର ସ୍ଥିତ ରାଜ ପ୍ରସାଦ ନିକଟ ବର୍ତ୍ତୀ କନକଦୁର୍ଗା ମନ୍ଦିର ପାର୍ଶ୍ୱରେ ଏହି ଇନ୍ଦ୍ରଖୁଣ୍ଟି ଥିବାର ଦେଖାଯାଏ । ଏପରିକି କଳାହାଣ୍ଡି ନଗର ରେ ଗଡଖାଇ ର ଅଂଶ ବିଶେଷ ଆଜି ମଧ ରହିଥିବା ବେଳେ ଚତୁର୍ପାର୍ଶ୍ୱରେ ଚାରି ଗୋଟି ଭୈରବ ମୂର୍ତ୍ତି ଗଡ ଜଗୁଥିବାର ଆଜି ମଧ ନଜିର ରହିଛି । ଏପରିକି ସଅଳ ମର୍ଦ୍ଦନ ପଥର, ସତୀ ପଥର ଭଳି ଅନେକ ପ୍ରନ୍ତତାତ୍ତ୍ୱିକ ଭିତ୍ତିଭୂମି ରହିଥିବା ବେଳେ ଏଠାରେ ଥିବା ସମିଆ ବନ୍ଧ ମଧରେ ଏକ ବିରାଟ ପଥର ରହିଥିବା କୁହାଯାଏ । ଏସବୁର ପ୍ରନ୍ତତାତ୍ତ୍ୱିକ ସର୍ଭେ କରାଗଲେ ବହୁ ପୁରାତନ ତଥ୍ୟ ପଦାକୁ ଆସିପାରନ୍ତା । କଳାହାଣ୍ଡି ନଗର ହିଁ ପୁରାତନ ଇନ୍ଦ୍ରବନ ତେବେ ପୌରଣିକ ଭିତ୍ତିଭୂମି ଅନୁସାରେ ଏଠାରେ ହିଁ ରାବଣ ପୁତ୍ର ମେଘନାଦ ଦେବରାଜ ଇନ୍ଦ୍ର ଙ୍କୁ ପରାଜିତ କରି ଇନ୍ଦ୍ରଜିତ ନାମରେ ନାମିତ ହୋଇଥିବା ବିଶ୍ୱାସ କରାଯାଏ । ସେହିପରି ଲଙ୍କା ର ଅଧୀଶ୍ୱରୀ ଲଙ୍କେଶ୍ୱରୀ ହିଁ କଳାହାଣ୍ଡି ନଗର ବା ଇନ୍ଦ୍ରବନ ତଥା ଆଧୁନିକ ଜୁନାଗଡ ର ଅଧିଷ୍ଠାତ୍ରୀ ଦେବୀ ହୋଇଥିବା କାରଣରୁ ଇନ୍ଦ୍ରବନ ନାମ ର ଯଥାର୍ଥତା ପ୍ରତିପାଦନ କରୁଥିବା ଜଣାପଡେ । ଏହି ପରିପ୍ରେକ୍ଷୀ ରେ ଆଧୁନିକ କଳାହାଣ୍ଡି ର ମୂଳ ପିଣ୍ଡ ଭାବରେ କଳାହାଣ୍ଡି ନଗର ବା ଜୁନାଗଡ ର ଗୁରୁତ୍ୱ ରହିଛି, ଏହାକୁ ଅସ୍ୱୀକାର କରାଯାଇ ପାରେନା ।

**ଦୁଷ୍ମନ୍ତ କୁମାର ପଣ୍ଡା , ଜୁନାଗଡ, କଳାହାଣ୍ଡି,**

# ନା ବାବା ନା...

ବାଣୀ କପୁର ନିଜ ଆକ୍ଟିଂ କ୍ୟାରିୟରକୁ ନେଇ କେତେକ ସଚେତନ ତାହା ନିକଟରେ ଜଣାପଡିଛି। ନିକଟରେ ତାଙ୍କୁ ଦୁଇଟି ଅଫର ମିଳିଥିଲା। ହେଲେ ଅଫରଦ୍ୱୟକୁ ସେ ହାତଛଡ଼ା କରିଛନ୍ତି। କାରଣ କଣ ଜାଣନ୍ତି। ଏହି ଦୁଇଟି ନୂଆ ଫିଲ୍ମରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିଥାନ୍ତା। ଏକଥା ଜାଣିବା ପରେ ସେ ତାହାକୁ ଭଲ ଭାବରେ ତର୍ଜମା କରିଥିଲେ। ଆଉ ଶେଷରେ ସିଧାସଳଖ ଏଭଳି ସିନେମାରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଏ ସମ୍ପର୍କରେ ବାଣୀ କହନ୍ତି, ଅଯଥାରେ ଅଙ୍ଗ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିବାକୁ ମୁଁ ବଲିଉଡକୁ ଆସିନି। ଯେଉଁ ଅଫର ଦୁଇଟି ମିଳିଥିଲା ସେଥିରେ ଯେଉଁ ବୋଲ୍ଡ ଶଟ୍ ସଂଯୋଜିତ ହୋଇଥିଲା ତାହାର କାହାରି ସହ କୌଣସି ସମ୍ପର୍କ ନଥିଲା। ତେଣୁ ସେପରି ସିନେମାର ଅଭିନୟ କରିବାକୁ ମନା କରିଦେଇଥିଲି। ଏପଟେ କାଇ ପୋଚେ, ରକ୍‌ଅନ୍ ଏବଂ କେଦାରନାଥ ସିନେମାର ନିର୍ଦ୍ଦେଶକ ଅଭିଷେକ କପୁର ଆଉ ଏକ ନୂଆ ସିନେମା ନିର୍ମାଣ କରୁଛନ୍ତି ଯାହାର ଟାଇଟଲ ରହିଛି ଚଣ୍ଡୀଗଡ କାରେ ଆସିକୀ। ଏହି ଫିଲ୍ମରେ ବାଣୀ ନାୟିକା ସାଜିବେ ଏବଂ ତାଙ୍କ ସହ ନାୟକ ଭୂମିକାରେ ଦେଖାଦେବେ ଆୟୁଷ୍ମାନ



# ପିଜୁଳିରେ ରହିଛି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁଣ







ଫଳମାନଙ୍କ ମଧ୍ୟରେ ପିଜୁଳି ଏମିତି ଏକ ଫଳ ଯାହା ପ୍ରାୟ ବହୁତ ଲୋକଙ୍କୁ ବହୁତ ପସନ୍ଦ। ପିଜୁଳି ଗଛ ପ୍ରାୟ ବହୁତ ଲୋକଙ୍କ ବାଡ଼ିରେ ହୁଏ। ପିଜୁଳିର ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁଣ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକାରକ। ନିୟମିତ ପିଜୁଳି ସେବନ କଲେ ଶରୀରର ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ। ଫଳରେ ସହଜରେ କୌଣସି ସଂକ୍ରମଣ ରୋଗ ହୋଇନଥାଏ। ଏହା ପାଚନ ତନ୍ତ୍ରକୁ ମଜଭୁତ୍ କରି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରିଥାଏ। ପିଜୁଳିର ଆହୁରି ଅନେକ ଗୁଣ ରହିଛି। ସେଗୁଡିକ ହେଲା ଏହା ଥଣ୍ଡା,କାଶ, ଓଜନ ନିୟନ୍ତ୍ରଣ, ପାଟିର ଅଲସର ଦୂର କରିବା, କୋଷ୍ଠ କାଠିନ୍ୟ, ଆଖି, ମଧୁମେହ ଆଦି ଏହା ନିୟନ୍ତ୍ରଣ କରିଥାଏ। ସବୁବେଳେ ଥଣ୍ଡା, କାଶ ହେଉଥିବା ଲୋକଙ୍କୁ ଡାଏଟ୍‌ରେ ପିଜୁଳି ସାମିଲ କରିବା ଉଚିତ୍। ପିଜୁଳି ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ଫଳରେ ଥଣ୍ଡା-କାଶ ହେବାର ସମ୍ଭାବନା ହ୍ରାସ ପାଏ। ପିଜୁଳି ସେବନ କରିବା ଦ୍ୱାରା ଶରୀରରେ କୋଲେଷ୍ଟ୍ରୋଲ ମାତ୍ରା କମ୍ ହୋଇଥାଏ। ଯାହାଫଳରେ ଏହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ସେହିପରି ଅଧିକାଂଶ ସମୟରେ ଲୋକଙ୍କ ପାଟିରେ ଅଲସର ହୋଇଥାଏ କିମ୍ବା ଛାଲା ପଡ଼ିଯାଏ। ପେଟ ଗରମ ହେଲେ ଏହିଭଳି ହୁଏ ବୋଲି କୁହାଯାଏ। ଏହିଭଳି ସ୍ଥିତିରେ ପିଜୁଳିର କଂଚା ପତ୍ର ଚୋବେଇ ଖାଇଲେ ଲାଭ ମିଳିଥାଏ। କୋଷ୍ଠକାଠିନ୍ୟ ସମସ୍ୟା ଭୋଗୁଥିବା ଲୋକେ ନିୟମିତ ପିଜୁଳି ସେବନ କରିବା ଉଚିତ୍। ପିଜୁଳି ମଂଜି ପେଟକୁ ଭଲ ଭାବେ ସଫା କରିଥାଏ। ଫଳରେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ପିଜୁଳିରେ ଭରପୁର ମାତ୍ରାରେ ଭିଟାମିନ୍-ଏ ରହିଛି। ନିୟମିତ ପିଜୁଳି ସେବନ କଲେ ଆଖି ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ମଧୁମେହ ରୋଗୀଙ୍କ ପାଇଁ ପିଜୁଳି ରାମବାଣ ସଦୃଶ। ମଧୁମେହ ରୋଗୀଙ୍କ ପାଇଁ ପିଜୁଳି ଅତ୍ୟନ୍ତ ହିତକାରକ। ଏହା ସୁଗାର ନିୟନ୍ତ୍ରଣ କରିବାରେ ସହାର୍ଯ୍ୟ କରିଥାଏ। ନିୟମିତ ପିଜୁଳି ସେବନ କଲେ ଏହା ଶରୀରରେ କ୍ୟାନ୍ସର କୋଷ ତିଆରି କରିବାରେ ରୋକିଥାଏ। ଫଳରେ କ୍ୟାନ୍ସର ହେବାର ସମ୍ଭାବନା କମ୍ ମାତ୍ରାରେ କମିଯାଇଥାଏ। ସେହିପରି ପିଜୁଳିରେ ବହୁ ମାତ୍ରାରେ ପୋଟାସିୟମ୍ ରହିଛି। ସେଥିପାଇଁ ପିଜୁଳି ସେବନ କଲେ ମୁଖ ବ୍ରଣ, କଳା ଦାଗ ଦୂର ହୋଇ ତ୍ୱଚା ସମ୍ବନ୍ଧୀୟ ଅନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ସ୍ୱଚା ସୁନ୍ଦର ଓ ସଫା ମଧ୍ୟ ହୋଇଥାଏ।

# ରାସ୍ତାରେ ଚାଲିଲା ୧୩୯ ବର୍ଷର ପ୍ୟାଲେସ

ସାଧାରଣତଃ ଘରଟିଏ ତିଆରି ହେବା ପରେ ସେହି ସ୍ଥାନରେ ବର୍ଷ ବର୍ଷ ଧରି ରୁହେ। ତାକୁ ନିଜ ସ୍ଥାନରୁ ଘୁଞ୍ଚାଇବା ଅସମ୍ଭବ। କିନ୍ତୁ ଏହି ଅସମ୍ଭବ କାମ ଏବେ ସମ୍ଭବ ହୋଇଛି। ନିଜ ସ୍ଥାଷନରୁ ଘୁଞ୍ଚି ରାସ୍ତାରେ ଚାଲି ଚାଲି ଯାଇ ଅନ୍ୟ ସ୍ଥାନରେ ପହଞ୍ଚିଛି ଏକ ବିଶାଳ ଘର। କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ରାସ୍ତାରେ ଚାଲିଲା ୧୩୯ ବର୍ଷର ପୁରୁଣା ପ୍ୟାଲେସ। କେବଳ ସେତିକି ନୁହେଁ ଘରକୁ ରାସ୍ତାରେ ଗଡାଇ ଅନ୍ୟତ୍ର ନିଆଯାଇ ସେଠାରେ ପୁନଃସ୍ଥାପନ ମଧ୍ୟ କରାଗଲା। ସାନ ଫ୍ରାନ୍ସିକୋରେ ଦେଖିବାକୁ ମିଳିଛି କିଛି ଏଭଳି ଦୃଶ୍ୟ। ସାନ ଫ୍ରାନ୍ସିକୋର ସଡ଼କରେ ଏହି ଦୁଇ ମହଲା କୋଠାଟି ଗଡି ଗଡି ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଦୃଶ୍ୟକୁ ଦେଖିବା ପରେ ଲୋକେ ଚକିତ ହୋଇଯାଇଛନ୍ତି। ଏହି ପୁରା ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରକୃତରେ ଏହି ଭିକ୍ଟୋରିଆନ୍ ହାଉସ୍‌କୁ ହାଇଡ୍ରୋଲିକ୍ସ ଏବଂ ଟ୍ରକ୍ ସାହାଯ୍ୟରେ ଏକ ନୂତନ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଅନୁଯାୟୀ, ଏହି ୫,୧୭୦ବର୍ଗଫୁଟ୍ ବିଶିଷ୍ଟ ଘରଟିକୁ ତାର ମୂଳ ଠିକଣା ୮୦୭ ଫ୍ରାଙ୍କଲିନ୍ ସେଣ୍ଟକୁ ସ୍ଥାନାନ୍ତରିତ କରାଯାଇଛି। କିନ୍ତୁ ପ୍ୟାଲେସକୁ ନିଜ ମୂଳ ସ୍ଥାନରୁ ସ୍ଥାନାନ୍ତର କରିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜିଂ ପୂର୍ଣ୍ଣକାମ ଥିଲା। ଯାହାକୁ ଇଞ୍ଜିନିୟରମାନେ ସୁନ୍ଦର ଭାବରେ କରି ଦେଖାଇଥିଲେ। ଘରଟିକୁ ନୂଆ ସ୍ଥାନକୁ ସ୍ଥାନାନ୍ତର କରିବା ବେଳେ ସେମାନଙ୍କୁ ଗଛ, ସିଗନାଲ ଏବଂ ପାର୍କିଂ ପ୍ଲେସ୍ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିଥିଲା।



# ବ୍ୟାଗ୍ ଭିତରେ ହୃଦୟ





ବିଶ୍ୱର ଏକମାତ୍ରଜୀଇଁବା ପାଇଁ ମଣିଷର ହୃଦୟ ଲୋଡ଼ା, ହୃଦସ୍ପନ୍ଦନ ଆବଶ୍ୟକ। ହୃଦୟ ବିନା ବଞ୍ଚିବା ସମ୍ଭବ ନୁହେଁ, କିନ୍ତୁ ଯଦି ଆପଣଙ୍କୁ କେହି କହେ ଯେ, ହୃଦୟ ବିନା ଜୀଇବା ସମ୍ଭବ ତେବେ ଆପଣ କ'ଣ ବିଶ୍ୱାସ କରିବେ। ବରଂ ଏହି କଥା କହୁଥିବା ଲୋକଙ୍କୁ ଆପଣ ପାଗଳ ବୋଲି କହିପାରନ୍ତି। ମାତ୍ର ଆଜି ଜଣେ ମହିଳାଙ୍କ ସମ୍ପର୍କରେ ଆମେ ଆପଣଙ୍କୁ କହିବାକୁ ଯାଉଛୁ, ଯିଏ ବିନା ହୃଦୟରେ ବଞ୍ଚିଛନ୍ତି। ଛାତି ଭିତରେ ନୁହେଁ, ହୃଦୟକୁ ସେ ଏକ ବ୍ୟାଗରେ ଧରି ଚାଲନ୍ତି। ଏହି ମହିଳାଙ୍କ ନାଁ ସାଲଓ୍ୱା ହୁସେନ। ସେ ହେଉଛନ୍ତି ଇଂଲଣ୍ଡର ବାସିନ୍ଦା। ଇଂଲଣ୍ଡରୁ ପ୍ରକାଶିତ ଏକ ଖବରକାଗଜ ଅନୁଯାୟୀ, ୩୯ ବର୍ଷ ବୟସ୍କା ସାଲଓ୍ୱା ହୁସେନ ହେଉଛନ୍ତି ବିଶ୍ୱର ଏକମାତ୍ର ମଣିଷ ଯିଏ ହୃଦୟକୁ ବ୍ୟାଗରେ ବୋଲି ଜୀଇ ରହିଛନ୍ତି। ତାଙ୍କ ହୃଦୟ ତାଙ୍କ ଦେହ ଭିତରେ ନାହିଁ। ସାଲଓ୍ୱା ହୁସେନ ବିବାହିତା ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସେ ସର୍ବଦା ସାଧାରଣ ଜୀବନଯାପନ କରିବାକୁ ଚେଷ୍ଟା କରନ୍ତି। ଯେଉଁ ବ୍ୟାଗରେ ସାଲଓ୍ୱା ହୃଦୟ ରଖାଯାଏ, ସେ ଏହାକୁ ସବୁବେଳେ ନିଜ ପାଖରେ ରଖନ୍ତି। ତାଙ୍କ ଛାତିରେ ପାଓ୍ୱାର ପ୍ଲାଷ୍ଟିକ ଚାମ୍ବର ରଖାଯାଇଛି।

# ପେଟ ଭିତରେ ଚୁମ୍ବକ ମାଳ

ପିଲାମାନେ ଖେଳିବା ସମୟରେ ଅନେକ ଜିନିଷ ପାଟିରେ ପୁରାଇ ଦେଇଥାନ୍ତି। ମାତ୍ର ବହୁ ସମୟରେ ଏହା ଖୁବ୍ ବିପଦଜନକ ପରିସ୍ଥିତି ସୃଷ୍ଟି କରିଥାଏ। ଏବେ କିଛି ଦିନ ତଳେ ଲକ୍ଷ୍ନୌରେ ଏଭଳି ହିଁ ଏକ ଘଟଣା ସାମ୍ନାକୁ ଆସିଛି। ଏକ ଦେଢ଼ ବର୍ଷର ପିଲା ଖେଳୁଥିବା ସମୟରେ ଗୋଟି ଗୋଟି କରି ଚୁମ୍ବକର ପ୍ରାୟ ୬୫ଟି ଟ୍ୟାବଲେଟ ଗିଳିଦେଇଥିଲା। ଏହାପରେ ପ୍ରାୟ ୫ ଘଣ୍ଟାର ସଫଳ ଅସ୍ତ୍ରୋପଚାର କରି ଡାକ୍ତରମାନେ ସମସ୍ତ ଟ୍ୟାବଲେଟ ବାହାର କରି ଶିଶୁଟିର ଜୀବନ ରକ୍ଷା କରିଥିଲେ। ଏବେ ଶିଶୁଟିର ଅବସ୍ଥା ଭଲ ଅଛି ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କିଛି ଦିନ ପୂର୍ବରୁ ପିଲାଟି ଏହି ଚୁମ୍ବକର ଟ୍ୟାବଲେଟକୁ ଗିଳି ଦେଇଥିଲା। ମାତ୍ର ଏ ବିଷୟରେ ପରିବାର ଲୋକେ କିଛି ଜାଣି ନଥିଲେ। ହଠାତ୍ ପିଲାଟି ବାନ୍ତି ଓ ଖାଦ୍ୟ ହଜମ ନ ହେବାରୁ ପରିବାର ଲୋକେ ଡାକ୍ତରଙ୍କ ସହ ପରାମର୍ଶ କଲେ। ଏହାପରେ ଡାକ୍ତରମାନେ ଏକ୍ସରେ କରିବା ପରେ ପିଲାଟିର ପେଟରେ ଫୁଲମାଳ ଭଳି କିଛି ଦେଖିଥିଲେ। ପରିବାର ଲୋକଙ୍କୁ ଏ ବିଷୟରେ ଡାକ୍ତର ପଚାରିବା ପରେ ସେମାନେ ଏ ବିଷୟରେ କିଛି ଜାଣି ନଥିଲେ ବୋଲି କହିଥିଲେ। ଏହାପରେ ଡାକ୍ତରମାନେ ଅସ୍ତ୍ରୋପଚାର କରିବାକୁ କହିଥିଲେ। ଅସ୍ତ୍ରୋପଚାର କରିବା ସମୟରେ ଡାକ୍ତରମାନେ ଜାଣିବାକୁ ପାଇଥିଲେ, ତାହା ଏକ ପ୍ରକାରର ଚୁମ୍ବକର ଟ୍ୟାବଲେଟ ଭଳି ଜିନିଷ। ବହୁ କଷ୍ଟରେ ଦୀର୍ଘ ୫ ଘଣ୍ଟା ଧରି ଅସ୍ତ୍ରୋପଚାର କରି ଚୁମ୍ବକର ଟ୍ୟାବଲେଟକୁ ପିଲାଟିର ପେଟରୁ ବାହାର କରିଥିଲେ।



# ଭାରତୀୟ ପ୍ରୋଜେକ୍ଟକୁ ଡର



ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଆଉ ପୂର୍ବ ଭଳି ନାହିଁ। କିନ୍ତୁ ମନୋରଞ୍ଜନ ସ୍ତରରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ସର୍ବଦା ଭଲ ରହିଛି। ଉରି ଆକ୍ରମଣ ପରଠୁ ପାକିସ୍ତାନୀ କଳାକାରଙ୍କର ଭାରତରେ ପ୍ରବେଶ ଓ ପ୍ରଦର୍ଶନ ଉପରେ ବ୍ୟାନ୍ ଲାଗୁ ହୋଇଛି। କିନ୍ତୁ ଦୁଇ ଦେଶର କଳାକାରଙ୍କ ମଧ୍ୟରେ ଭଲ ପାଇବା ଓ ସମ୍ମାନ ବଜାୟ ରହିଛି। ଏବେ ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନ୍ ଏ ବିଷୟରେ ଖୋଲାଖୋଲି କଥା ହୋଇଛନ୍ତି। ମାହିରା ପାକିସ୍ତାନର ସବୁଠୁ ଲୋକପ୍ରିୟ ଅଭିନେତ୍ରୀଙ୍କ ମଧ୍ୟରେ ଅନ୍ୟତମ। ସିନେ କ୍ୟାରିଅରରେ ସେ ଅନେକ ସୁପରହିଟ୍ ଫିଲ୍ମରେ କାମ କରିଛନ୍ତି। ୨୦୧୭ରେ ସେ ଶାହାରୁଖ ଖାନଙ୍କ ଅପୋଜିଟ୍‌ରେ ଫିଲ୍ମ ରଇସ୍‌ରେ ନଜର ଆସିଥିଲେ। କିନ୍ତୁ ଉରି ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ରାଜନୈତିକ ସମ୍ପର୍କ ଖରାପ ହେଲା ଏବଂ ତାର ପ୍ରଭାବ ମନୋରଞ୍ଜନ ଜଗତ ଉପରେ ମଧ୍ୟ ପଡ଼ିଲା। ଏହି ଘଟଣା ପରେ ମଧ୍ୟ ମାହିରାଙ୍କୁ ଭାରତୀୟ ପ୍ରୋଜେକ୍ଟରେ କାମ ଅଫର ହୋଇଛି, କିନ୍ତୁ ଭୟ ଯୋଗୁ ସେ କାମ କରିପାରିନାହାନ୍ତି। ମାହିରା କହିଛନ୍ତି ମୁଁ ଅନେକ ଭାରତୀୟ ପ୍ରୋଜେକ୍ଟ ଅଫର ହାତଛଡ଼ା କରିଛି। ଏ ବିଷୟରେ ମୁଁ ଯେତେବେଳେ ଚିନ୍ତାକରେ, ମୋତେ ବହୁତ ଖରାପ ଲାଗେ। ମୋ ପାଇଁ ଏହା ବଡ଼ କ୍ଷତି। କିନ୍ତୁ ସ୍ଥିତି ଯେ ସର୍ବଦା ସେମିତି ରହିବ, ତାହା ଠିକ୍ ନୁହେଁ। ସବୁ କିଛି ପୁଣି ପୂର୍ବଭଳି ହୋଇଯାଉ ବୋଲି ମୁଁ ଆଶା କରୁଛି। ରଇସ୍ ପରେ ମୋତେ ଲଗାତର ଅନେକ ସିରିଜ୍ ଅଫର ହେଲା। କିଛି ବିଷୟବସ୍ତୁ ଏତେ ଚମତ୍କାର ଥିଲା ଯେ, ମୁଁ ତାହା ହାତଛଡ଼ା କରିବାକୁ ଚାହୁଁନଥିଲି। ମୁଁ ଜାଣେନାହିଁ ଯେ କିଏ ମୋତେ କେତେ ବୁଝିବ, କିନ୍ତୁ ମୁଁ ଡରିଯାଇଥିଲି। ଲୋକେ କଣ କହିବେ, ତାକୁ ନେଇ ମୋର ଭୟ ନଥିଲା, କିନ୍ତୁ ଭାରତ ଯାଇପାରିବି କି ନାହିଁ, ସେଥିପାଇଁ ମୁଁ ଭୟଭୀତ ହୋଇଯାଇଥିଲି। ଏବେ ମୁଁ ନିଶ୍ଚିତ ଯେ, ଯଦି ଭାରତରୁ ମୋତେ କୌଣସି ପ୍ରୋଜେକ୍ଟ ଅଫର ମିଳେ, ତେବେ ଆଦୌ ମନା କରିବି ନାହିଁ। ମୁଁ ଆଶା କରୁଛି ଭବିଷ୍ୟତରେ ଆମେ ପୁଣି ଏକସଙ୍ଗେ କାମ କରପାରିବା। ଡିଜିଟାଲ ହେଉ ବା ଆଉ କିଛି, ଦୁଇ ଦେଶ ପୁଣି ଥରେ ମିଳିମିଶି କାମ କରିବୁ ବୋଲି ମୁଁ ଆଶାବାଦୀ। ମାହିରାଙ୍କ ଲୋକପ୍ରିୟତା ପାକିସ୍ତାନରେ ଯେତିକି, ଭାରତରେ ମଧ୍ୟ ସେତିକି। ଦୁଇ ଦେଶର ଲୋକେ ତାଙ୍କୁ ଭଲ ପାଆନ୍ତି। ପୁଣିଥରେ ବଲିଉଡ୍ ପରଦାକୁ ମାହିରା ଫେରନ୍ତୁ ବୋଲି ତାଙ୍କ ପ୍ରଶଂସକମାନେ ଚାହାନ୍ତି।

## ସରକାରୀ କାର୍ଯ୍ୟାଳୟ ପାଲଟିଛି ବୁଲା କୁକୁରଙ୍କ ଆଡ୍ଡା ସ୍ଥଳି



କୋଷାଗୁମୁଡ଼ା, ୦୧/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟ ବର୍ତ୍ତମାନ ବୁଲା କୁକୁରଙ୍କ ଆଡ୍ଡାସ୍ଥଳି ପାଲଟିଥିବା ଦେଖିବାକୁ ମିଳିଛି । ବ୍ଲକ ସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହ ମଧ୍ୟରେ ଗତ କିଛିଦିନ ହେଲା ବୁଲା କୁକୁରଙ୍କ ଆଡ୍ଡାସ୍ଥଳି ପାଲଟିଛି । ଏହି ସେବା କେନ୍ଦ୍ର ଗୃହ ମଧ୍ୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ବ୍ଲକ ମନରେଗା ଅଧିକାରୀ ଓ ଏଚଆର ବିଭାଗର କାର୍ଯ୍ୟାଳୟ ରହିଛି । ପ୍ରତ୍ୟେକ ଦିନ ଏଠାକୁ ବ୍ଲକର କୋଣ ଅନୁକୋଣରୁ ଶତାଧିକ ହିତାଧିକାରୀ ଓ ଜନସାଧାରଣ ଆସନ୍ତି । ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗୁଡ଼ିକ ଏହି ପ୍ରକୋଷ୍ଠରେ ରହିଛି, କିନ୍ତୁ ସେବା କେନ୍ଦ୍ର ଗୃହ ସମ୍ମୁଖରେ ୭ ଆଠଟି ବୁଲା କୁକୁର ପ୍ରାୟ ସବୁ ସମୟରେ ଏଠାରେ ରହୁଥିବା ଦେଖିବାକୁ ମିଳିଛି । ଲୋକେ ଯିବା ସମୟରେ କୁକୁର ଗୁଡ଼ିକ ଭୋକୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳୁଛି । ଏସବୁ ବିଷୟରେ ବ୍ଲକ ପ୍ରଶାସନ ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି । କେତେବେଳେ କାହାକୁ ଏହି ବୁଲା କୁକୁର ମାନେ ଆକ୍ରମଣ କରିବେ ତାହା କହିବା ମୁସ୍କିଲ । ଏନେଇ ବ୍ଲକ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିବା ବେଳେ ଯୋଗାଯୋଗ ହେଇପାରିନଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ । ଏଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବୁଲା କୁକୁରଙ୍କୁ ସେବା କେନ୍ଦ୍ର ଗୃହରୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି । ଆଗକୁ ଯଦି କିଛି ଅଘଟଣ ଘଟିବ ତେବେ ବ୍ଲକ ପ୍ରଶାସନ ଦାୟୀ ରହିବେ ବୋଲି ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି ।

## ବିଚ ରାସ୍ତାରେ ଓଲଟିଲା ଧାନ ଅମଳ ମେସିନ - ଅଳ୍ପକେ ବର୍ତ୍ତିଲେ ପଥଚାରୀ

କୋଷାଗୁମୁଡ଼ା, ୦୧/୧୨ (ନି.ପ୍ର): ଏକ ବଡ଼ ସଡକ ଦୁର୍ଘଟଣାରୁ ବର୍ତିଯାଇଛନ୍ତି କିଛି ଯାତ୍ରୀ ! ଶନିବାର ଅପରାହ୍ଣ ୩ଟା ସମୟରେ କୋଷାଗୁମୁଡ଼ା ବ୍ଲକ ସନ୍ତୋଷପୁର ଗାଁ ଆଉଁଳି ଚାରିଛକ ନିକଟରେ ଏକ ଧାନ ଅମଳ ମେସିନକୁ ଟ୍ରାକ୍ଟର ଦ୍ୱାରା ଟାଣି ନେବା ସମୟରେ ଭାରସାମ୍ୟ ହରାଇ ହଠାତ ଓଲଟି ପଡ଼ିଥିଲା । ସୌଭାଗ୍ୟବଶତଃ ତାହା ରାସ୍ତା ଉପରେ ଯିବା ଆସିବା କରୁଥିବା ପଥଚାରୀଙ୍କ ଉପରେ ପଡିନାହିଁ, ତେଣୁ ବଡ଼ ଦୁର୍ଘଟଣାଟି ଟଳି ଯାଇଛି । ପ୍ରାୟ ୩୦ ମିନିଟ ପରେ ସ୍ଥାନୀୟ ଲୋକମାନେ ଉକ୍ତ ମେସିନଟିକୁ ଦୁଇଟି ବଡ଼ କାଠଦଣ୍ଡ ଦ୍ୱାରା ଠିଆ କରିଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ, ଧାନ ଅମଳ ପାଇଁ ଏହି ଓଜନିଆ ମେସିନକୁ ସ୍ଥାନାନ୍ତର କରିବା ସମୟରେ ତାହା ଉକ୍ତ ଚାରିଛକରେ ଏକ ଗାତ ଭିତରେ ମେସିନର ଚକ ପଶି ଭାରସାମ୍ୟ ହରାଇ ଓଲଟି ପଡିଥିଲା ।

# ଜି.ଉଦୟଗିରିରୁ ବାଘ ଛାଲ ଜବତ ଘଟଣା : ଦେଶୀ ବନ୍ଧୁକ ସହ ଦୁଇ ଗିରଫ



ବାଲିଗୁଡା, ୦୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବନବିଭାଗ ଦ୍ୱାରା ଏକ କଲରାପତରିଆ ବାଘ ଛାଲ ଜବତ ହୋଇଛି । ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିବା ସହିତ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ଗିରଫ ହୋଇଥିବା ଯୁବକଦ୍ୱୟ ହେଲେ ଜି.ଉଦୟଗିରି ଥାନା ପୁକୁଲୁଙ୍ଗିଆ ପଞ୍ଚାୟତ ମଲାନସୁଗା ଗ୍ରାମର ଭବାନୀ ଶଙ୍କର ପ୍ରଧାନ ଏବଂ ଗମ୍ଭାରୀଗୁଡା ଗ୍ରାମର ପ୍ରମୋଦ କୁମାର ପ୍ରଧାନ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଜି.ଉଦୟଗିରି ରେଞ୍ଜ ଅଧିକାରୀ କାଜଲ ନାୟକଙ୍କ ନେତୃତ୍ୱରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା । ଏହି ସମୟରେ କଳିଙ୍ଗା ବାବୁଛକ ଠାରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହ ଜନକ ଅବସ୍ଥାରେ ଠିଆ ହୋଇଥିବା ଦେଖି ତାଙ୍କୁ ପଚରାଉଚରା କରିଥିଲେ । ଯାଞ୍ଚ ବେଳେ ତାଙ୍କ ପାଖରେ ଥିବା ବ୍ୟାଗରୁ ଏକ କଲରାପତରିଆ ଛାଲ ମିଳିଥିଲା । ସମ୍ପୃକ୍ତ ବ୍ୟକ୍ତି ଜଣକ ଜି.ଉଦୟଗିରି ଥାନା ପୁକୁଲୁଙ୍ଗିଆ ପଞ୍ଚାୟତ ମଲାନସୁଗା ଗ୍ରାମର ଭବାନୀ ଶଙ୍କର ପ୍ରଧାନ ବୋଲି ଜଣାପଡିଛି । ଭବାନୀଙ୍କୁ ଜେରା କରି ଏହି କାରବାରରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଗମ୍ଭାରୀଗୁଡା ଗ୍ରାମର ପ୍ରମୋଦ କୁମାର ପ୍ରଧାନଙ୍କୁ ଗିରଫ କରିଛି ବନ ବିଭାଗ । ପ୍ରମୋଦଙ୍କ ଘରୁ ଏକ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ଜବତ କରାଯାଇଛି । ଗିରଫ ମାନଙ୍କଠାରୁ ଏକ ମୋବାଇଲ ଏବଂ ଛୁରୀ ଜବତ ହୋଇଛି । ଜବତ ଛାଲଟି ଏକ ବୟସ୍କ କଲରାପତରିଆର ଏବଂ ପ୍ରାୟ ଦେଢ ମାସ ତଳେ ଶୀକାର କରାଯାଇଥିବା ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟେଲ ସୂଚନା ଦେଇଛନ୍ତି । କଲରାପତରିଆର ଦୈର୍ଘ୍ୟ ୧୪୫ ସେଣ୍ଟିମିଟର ରହିଥିବା ବେଳେ ଲାଞ୍ଜର ଲମ୍ବ ୯୪ ସେଣ୍ଟିମିଟର ରହିଛି । ଏହାର ପରୀକ୍ଷଣ ପାଇଁ କୋଲକାତା ଜେଡଏସଆଇକୁ ପଠାଯାଇଛି । ତେବେ ଏହି ବାଘ ଶୀକାରରେ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ଏବଂ ଏନେଇ ତଦନ୍ତ ଚାଲିଥିବା ଡିଏଫଓ ପ୍ରକାଶ କରିଛନ୍ତି । ବନଖଣ୍ଡ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫୁଲବାଣୀ ଏସିଏଫ ମଳୟ ରଞ୍ଜନ କାଲୋ ଉପସ୍ଥିତ ଥିଲେ ।

### ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ପୁରା ଖୋଲା ମେଲା

# କେବେ ନିର୍ମାଣ ହେବ ପାଚେରୀ



ନିଶ୍ଚିନ୍ତକୋଇଲି, ୦୧/୧୨ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମ୍ମୁଖ ଭାଗ ସଂପୂର୍ଣ୍ଣ ଖୋଲା ମେଲା ପଡିରହିଛି । ନା ସମ୍ମୁଖ ଭାଗରେ ଅଛି ପାଚେରୀ ନା ଲାଗୁଛି କବାଟ । ଖୋଲା ମେଲା ଥିବାରୁ ଯେ କେହି ବି ଅନାୟସରେ କାର୍ଯ୍ୟାଳୟ ପରିସରକୁ ନିଜ ଇଚ୍ଛାରେ ପ୍ରବେଶ କରୁଛି । ବିଭିନ୍ନ ବିଦ୍ୟାଳୟର ସମସ୍ୟା ନେଇ ଆସୁଥିବା ଛାତ୍ର ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ପାଚେରୀ ନଥିବାରୁ ବିନା ସୂଚନାରେ ଆସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥାଆନ୍ତି । ପ୍ରବେଶ ପାଇଁ କାର୍ଯ୍ୟାଳୟ ପରିସରକୁ ଆପଟ ନଥିବାରୁ ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟାଳୟରେ ପ୍ରବେଶ କରି ଅଧିକାରୀ ଓ କର୍ମଚାରୀମାନଙ୍କୁ ଅସୁବିଧାରେ ପକାଉଥିବା ଯୋଗୁ କାର୍ଯ୍ୟାଳୟ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଗଣମାଧ୍ୟମ ପ୍ରତିନିଧିମାନେ ଯେ କୌଣସିବି ସରକାରୀ କାର୍ଯ୍ୟାଳୟକୁ ଯାଇ ପାରିବେ ହେଲେ କାର୍ଯ୍ୟାଳୟର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ତାଙ୍କ ଅନୁମତି ନେଇ କାର୍ଯ୍ୟାଳୟରେ ପ୍ରବେଶ କରିବା କଥା । ଏପରିକି ଯଦି କୌଣସି କାର୍ଯ୍ୟାଳୟର କର୍ମଚାରୀମାନଙ୍କ ବିରୁଦ୍ଧରେ କୌଣସି ଆପତି ଅଭିଯୋଗ ଆସିଥାଏ ସେ ସତ ହେଉବା ମିଛ ଗଣମାଧ୍ୟମ ପ୍ରତିନିଧିମାନେ ଉକ୍ତ ଘଟଣାର ତଥ୍ୟ ସଂଗ୍ରହ କରିପାରିବେ । ହେଲେ କର୍ମଚାରୀମାନଙ୍କୁ ଯେଉଁମାନଙ୍କ ବିରୁଦ୍ଧରେ ଅଭିଯୋଗ ଆସିଛି ସେମାନଙ୍କୁ ଏଣୁ ତେଣୁ ନ ପଚାରି ସଂପୃକ୍ତ କାର୍ଯ୍ୟାଳୟର ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କଠାରୁ ଘଟଣାର ସତ୍ୟାସତ୍ୟା ପରଖିବା କଥା । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଭାଗରେ ପାଚେରୀ ନଥିବାରୁ ଯେ କେହି ବି ଅନାୟସରେ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରୁଛି । ତୁରନ୍ତ ଉକ୍ତ ପାଚେରୀ ନିର୍ମାଣ କରାଯାଇ କବାଟ ଲଗାଇବାକୁ ଶିକ୍ଷାବିତ୍ ମହଲରେ ଦାବି ହେଉଛି ।

## ତେଲ ଟ୍ୟାଙ୍କରକୁ ପଛପଟୁ ଧକ୍କା ଦେଲା କାର - ମଦୁଆ କାର ଚାଳକ ଥାନାରେ ଅଟକ

ବେଲଗୁଣ୍ଠା, ୦୧/୧୨ (ନି.ପ୍ର):ବେଲଗୁଣ୍ଠା ଥାନା ଅନ୍ତର୍ଗତ ଚଢିଆପଲ୍ଲୀ ମେନ ରୋଡ ଠାରେ ଏକ କାର ଗୋଟିଏ ଟ୍ୟାଙ୍କରକୁ ଧକ୍କା ଦେଇ ଦୁର୍ଘଟଣା ଘଟାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ, ବେଲଗୁଣ୍ଠାରୁ ବାଲିପଦର ପଟକୁ ଯାଉଥିବା ଏଆରଏସଏସ କମ୍ପାନୀର ଏକ ବୋଲେରୋ ତେଲ ଟ୍ୟାଙ୍କର (ଓଡି-୩୩ଭି-୯୯୨୦)କୁ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ମାରୁତି ଡିଜାଇର (ଓଡି-୦୨ଡିଏକ୍ସ-୦୦୨୩) ପଛପଟ ଚକାରେ ଜୋର୍ ରେ ଧକ୍କା ଦେଇଥିଲା ଏବଂ ତେଲ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଯାହା ଫଳରେ ଟ୍ୟାଙ୍କରରେ ଥିବା ତେଲ ତଳେ ପଡି ଭାସିଥିଲା । ଖବର ପାଇ ବେଲଗୁଣ୍ଠା ଥାନା ଏସଆଇ ନାରାୟଣ ନାୟକ ଓ ଏଏସଆଇ ଅନୁ ମଳିକ ପହଞ୍ଚି ଗାଡି ଦୁଇଟିକୁ ଉଦ୍ଧାର କରିଥିଲେ । ଜେସିବି ସାହାଯ୍ୟରେ ଟ୍ୟାଙ୍କରକୁ ସଳଖ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା କାରଟିକୁ ରାସ୍ତା କଡକୁ ଟାଣି ନିଆଯାଇଥିଲା । କାର୍ ଡ୍ରାଇଭର୍ ପ୍ରଚୁର ମଦ ପିଇଥିବା ପ୍ରାଥମିକ ସୂଚନା ମିଳିଥିବା ବେଳେ ବେଲଗୁଣ୍ଠା ଥାନାରେ କାର ଡ୍ରାଇଭର ଅଟକଥିବା ଓ କେହି ମୃତାହତ ହୋଇନଥିବା ସୂଚନା ମିଳିଛି । ବେଲଗୁଣ୍ଠା ପୋଲିସ ଘଟଣାର ତଦନ୍ତ କରୁଛି ।

## ଚୋରୀ ଉଦ୍ୟମ ଫେଲ - ବାସି ସିଂଘଡା ଓ ଗୁଟଖା ଖାଇ ଫେରିଲା ଚୋର

କୋଷାଗୁମୁଡ଼ା, ୦୧/୧୨ (ନି.ପ୍ର): ଶନିବାର ଭୋର ତଥା ଶୁକ୍ରବାର ପାହାନ୍ତିଆ ସମୟରେ କୋଷାଗୁମୁଡ଼ା ସଦର ଅଞ୍ଚଳରେ ଏକ ବହି-ଷ୍ଟେସନାରୀ ଦୋକାନ, ଚା ଦୋକାନ ଓ ଜଳଖିଆ ଦୋକାନରେ ଜଣେ ଚୋର ଚୋରି ଉଦ୍ୟମ କରିଥିବା ସିସି ଟିଭି କ୍ୟାମେରା ଫୁଟେଜରୁ ଜଣାପଡ଼ିଛି । ଏହି ଚୋରି ଉଦ୍ୟମରେ ଚୋର ବହି ଦୋକାନର ସଟର ତାଲା ଭାଙ୍ଗି ଦୋକାନରୁ କିଛି ଖୁଚୁରା ଟଙ୍କା ଓ କଏନ ନେଇଥିବା ବେଳେ ଚା' ଦୋକାନର ବର୍ଣ୍ଣଭିଟା ପାଉଡର, କିଛି ବିସ୍କୁଟ ଖାଇବା ସହ ଚା' ପ୍ରସ୍ତୁତ କରିବା ପାଇଁ ଅଦା ଛେଚାର ଲୁହାବାଡ଼ିକୁ ଚୋରି କରିବା ସହ ଜଳଖିଆ ଦୋକାନରେ ସେହି ଲୁହାବାଡ଼ିରେ ଲୁହାବକ୍ସକୁ ଭାଙ୍ଗି କିଛି ବଳକା ରହିଯାଇଥିବା ସିଂଘଡା (ସମୋସା) ଖାଇଥିବା ଜଣାପଡ଼ିଛି । ଏହି ଚୋରି ଘଟଣାକୁ ନେଇ ପ୍ରଗତି ବୁକ ଷ୍ଟୋର ପକ୍ଷରୁ କୋଷାଗୁମୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ବର୍ତ୍ତମାନ ସୁଦ୍ଧା ଅନେକ ଦିନ ପରେ ଶୀତ ଋତୁର ହାଡଭଙ୍ଗା ଶୀତରେ କିଭଳି ଚୋର ତା ଅଭିଯାନ ଆରମ୍ଭ କଲା ବୋଲି କୋଷାଗୁମୁଡ଼ା ଅଞ୍ଚଳରେ ଏହା ଚର୍ଚ୍ଚାର ପରିସରକୁ ଆସିଛି । ଅନ୍ୟ ପଟେ କୋଷାଗୁମୁଡ଼ା ପୋଲିସ ତାର ଅନୁସନ୍ଧାନ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

# ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସାର ବିକ୍ରି କରି ୧୧ ଲକ୍ଷ ୩୫ ହଜାର ହଡପ ମାମଲା

## *ଜଗନ୍ନାଥପୁର ମାର୍କଫେଡର ତତ୍କାଳୀନ ଏରିଆ ମ୍ୟାନେଜର, କୋଦଲା ଡିପୋ ଇନଚାର୍ଜ ଦୋଷୀ ସାବ୍ୟସ୍ତ*

ବ୍ରହ୍ମପୁର, ୦୧/୧୨ (ନି.ପ୍ର): ସରକାରୀ ଅର୍ଥ ହେରଫେର ମାମଲାର ବିଚାର କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ଜଗନ୍ନାଥପୁର ସ୍ଥିତ ମାର୍କଫେଡର ତତ୍କାଳୀନ ଏରିଆ ମ୍ୟାନେଜର ଓ କୋଦଲା ଡିପୋ ଇନଚାର୍ଜଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦୁଇ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୧୫ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ଜୋରିମାନା ଅନାଦେୟ ଅତିରିକ୍ତ ୯ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ନିକଟ ଜଗନ୍ନାଥପୁର ସ୍ଥିତ ମାକଫେଡର ତତ୍କାଳୀନ ଏରିଆ ମ୍ୟାନେଜର ତଥା ଖୋର୍ଦ୍ଧା ବାଲିଅନ୍ତା ନିକଟ ବେଣୁପୁର ଗ୍ରାମର ଭୁବନ ଦାସ (୭୧) ଓ ଗଞ୍ଜାମ ଜିଲା କୋଦଲା ଡିପୋର ତତକାଳୀନ ଇନଚାର୍ଜ ତଥା ବାଲୁଗାଁର ଶେଖ ଅବଦୁଲ ଅତୁଲା (୬୪) । ଅଭିଯୁକ୍ତ ଭୁବନ ଦାସ ପୂର୍ବରୁ ବ୍ରହ୍ମପୁର ଓ ଫୁଲବାଣୀ ଭିଜିଲାନ୍ସ ଅଦାଲତରେ ସରକାରୀ ଅର୍ଥ ହେରଫେର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ୨୦୦୪ରେ ଅଭିଯୁକ୍ତ ଭୁବନ ଦାସ ଜଗନ୍ନାଥପୁର ସ୍ଥିତ ମାର୍କଫେଡର ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ବେଳେ ଶେଖ ଅବଦୁଲ କୋଦଲା ସ୍ଥିତ ମାର୍କଫେଡ ଡିପୋର ଇନଚାର୍ଜ ଭାବେ କାର୍ଯ୍ୟ କରୁଥିଲେ । ସେତେବେଳେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାର ସାର ଯୋଗାଣ ହୋଇଥିଲା । ସାର ଗୁଡ଼ିକ ଟ୍ରେନରେ ଆସିବା ପରେ ଟ୍ରକରେ କୋଦଲା ସମେତ ଜିଲାର ବିଭିନ୍ନ ଡିପୋକୁ ପଠାଯାଉଥିଲା, ହେଲେ କୋଦଲା ଡିପୋକୁ ସାର ପଠାଯାଇଥିବା ଦର୍ଶାଇ ଉଭୟ ଏରିଆ ମ୍ୟାନେଜର ଓ ଡିପୋ ଇନଚାର୍ଜ ୧୧ ଲକ୍ଷ ୩୫ ହାଜର ଟଙ୍କା ହଡପ କରି ନେଇଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା । ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ୩୧/୨୦୦୪ରେ ଏକ ମାମଲା ରୁଜୁ ହୋଇଥିଲା । ଭିଜିଲାନ୍ସ ପକ୍ଷରୁ ତଦନ୍ତ ବେଳେ ଏରିଆ ମ୍ୟାନେଜର ଓ କୋଦଲା ଡିପୋ ଇନଚାର୍ଜ ସାର ବିକ୍ରି କରି ଟଙ୍କା ହଡପ କରିଥିବା ସାମ୍ନାକୁ ଆସିଥିବା ବେଳେ ଟ୍ରକରେ ପଠାଇବାର କୌଣସି ଚାଲାଣ ମଧ୍ୟ ନଥିବା ଜଣାପଡିଥିଲା । ଭିଜିଲାନ୍ସର ତତକାଳୀନ ଇନ୍ସପେକ୍ଟର ରବିନ୍ଦ୍ର କୁମାର ଚାର୍ଜସିଟ ଦାଖଲ କରିଥିଲେ, ବିଚାରଣା ବେଳେ ମୋଟ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତର ଜଜ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ହନୁମାନ ଚାଳିଶାରେ ଯୋଗଦେଲେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା



ନିଶ୍ଚିନ୍ତକୋଇଲି, ୦୧/୧୨ (ନି.ପ୍ର): ଜିଗ୍ନିପୁର ପଂଚାୟତ ମହାଜନପୁର ଗ୍ରାମର ଯୁବ ସମାଜସେବୀ ପ୍ରଦ୍ୟୁମ୍ନ ରାଉତଙ୍କ ବାସଭବନରେ ଆୟୋଜିତ ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ, ମାହାଙ୍ଗା ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଯୋଗଦେଇ ମହାବୀରଙ୍କ କୃପାଲାଭ କରିବା ସହ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ଜେନାଙ୍କ ସହ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କେଶରୀ କାପ ପ୍ରମୁଖ ଯୋଗଦେଇଥିଲେ ।

## ବରିଷ୍ଠ ଶିକ୍ଷୟତ୍ରୀ ଶ୍ରୀମତୀ ପାର୍ବତୀ ଗାଙ୍ଗୁଲିଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ନିମାପଡା, ୦୧/୧୨ (ନି.ପ୍ର):ପୁରୀ ଜିଲ୍ଲା ନିମାପଡା ବ୍ଲକ ଭୋଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ଭୋଦରର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାର୍ବତୀ ଗାଙ୍ଗୁଲିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପୀନାଥ କର, ସମ୍ମାନିତ ଅତିଥି ଭାବେ ନିମାପଡାର ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୀମାନ୍ତ ଶେଖର ରଥ, ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଅନ୍ତରଙ୍ଗ ଶ୍ରୀମତୀ ରାଜଲକ୍ଷ୍ମୀ ପାତ୍ର, ସିଆରସିସି ଶ୍ରୀଯୁକ୍ତ ସୁଶାନ୍ତ କୁମାର ମୁଦୁଲି, ନିମାପଡା ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନର ସମ୍ପାଦକ ଶ୍ରୀଯୁକ୍ତ କଲ୍ୟାଣ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗଙ୍ଗାଧର ପତି, ଯହିନୁଲ ଖାଁ, ନୃସିଂହ ନାରାୟଣ ତ୍ରିପାଠୀ, ଉକ୍ତ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ଶଙ୍କର ମହାରଣା ଓ ମୋ ସ୍କୁଲ ଅଭିଯାନର ସଭାପତି ଶ୍ରୀଯୁକ୍ତ ମନମୋହନ ବାରିକ, ୱାର୍ଡ ସଭ୍ୟା ସବିତା ସିହ୍ନା ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପାଖରେ ପ୍ରଦୀପ ଜାଳି ଅ୍ୱସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୃପାସିନ୍ଧୁ ସାଁ ପରିଚାଳନା କରିଥିବା ବେଳେ ଡ.ସନ୍ତୋଷ କୁମାର ମିତ୍ର ସଭାପତିତ୍ୱ କରିଥିଲେ । ଏହି ସଭାରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟତ୍ରୀଙ୍କ ଜୀବନି ଓ ନିଷ୍ଠାପର ବ୍ୟକ୍ତିତ୍ୱ, ବିଦ୍ୟାଳୟକୁ ଭଲ ପାଉଥିବା ସହିତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ନିଜର କରି କାର୍ଯ୍ୟ କରିଥିବା ବ୍ୟକ୍ତି ଶ୍ରୀମତୀ ଗାଙ୍ଗୁଲିଙ୍କ ଜୀବନୀ ଉପରେ ନିମନ୍ତ୍ରିତ ଅତିଥି ମାନେ କହିଥିଲେ । ଏହି ବିଦ୍ୟାଳୟରେ ପୂର୍ବରୁ ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ବର୍ତ୍ତମାନ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଗାଙ୍ଗୁଲି ବିଦାୟ ନେଇଛନ୍ତି, ଫଳରେ ଏହି ଶିକ୍ଷା ଅନୁଷ୍ଠାନରେ ୫ଟି ଶ୍ରେଣୀରେ ୬୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ପାଠ ପଢ଼ାଇବା ସହିତ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଫଳରେ ଶିକ୍ଷାପ୍ରଦାନରେ ବାଧା ସୃଷ୍ଟି କରିବ ବୋଲି ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ କହିଥିଲେ । ଏହି ସବୁ ସମସ୍ୟାକୁ ଦୂର କରିବା ପାଇଁ ଅତିଶୀଘ୍ର ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ତ୍ରିଲୋଚନ କର, ପ୍ରଭାତ ଦାସ, ଯୁଧିଷ୍ଠିର ଖଟୋଇଙ୍କ ସମେତ ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ବସନ୍ତ କୁମାର ଦାସଙ୍କ ସହିତ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ବାଣପୁର କୋର୍ଟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ବାଣପୁର, ୦୧/୧୨ (ନି.ପ୍ର):ଶନିବାର ଦିନ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ କୋର୍ଟ ପରିସରରେ ପୋକ୍ସୋ ଆଇନ, କିଶୋର ନ୍ୟାୟ, ଯତ୍ନ ଓ ସୁରକ୍ଷା ଅଧିନିୟମ ଏବଂ ଉକ୍ତ ଆଇନ ଅଧୀନ ମହିଳା ପୀଡ଼ିତା ଓ ଶିଶୁଙ୍କ ନିମନ୍ତେ କ୍ଷତିପୂରଣ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ୱାତକୀ ଦାସ, ଫ୍ରଣ୍ଟ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମଓା, ପୂର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ, ସୁଧୀର ପ୍ରଧାନ, ସରକାରୀ ଆଇନଜୀବୀ ଜଳଧର ପ୍ରଧାନ, ବରିଷ୍ଠ ଆଇନଜୀବୀ ବିପ୍ଳବ କୁମାର ମୁଦୁଲି, ସୁନୀଲ ମହାପାତ୍ର, ବିନୋଦ ସ୍ୱାଇଁ, ସୀତାରାମ ଅଗ୍ରୱାଲ, କାମେଶ୍ୱର ଆଚାରୀ, ଶାନ୍ତନୁ ମହାପାତ୍ର ଏବଂ ବହୁ ଆଇନଜୀବୀ ଯୋଗ ଦେଇଥିଲେ । ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ଶିଶୁ ମାନଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧ ଏବଂ ଦଣ୍ଡବିଧାନ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ଶିଶୁମାନଙ୍କ ବିରୁଦ୍ଧରେ ହେଉଥିବା ଯୌନ ନିର୍ଯ୍ୟାତନା, ହିଂସା ଏବଂ ଯୌନ ଉଦ୍ଦୀପକ (ପର୍ଣ୍ଣଗ୍ରାଫି) ପ୍ରକାଶନ, ବିତରଣ ଏବଂ ତାହାକୁ ନିଜ ପାଖରେ ରଖିବା ଅପରାଧ ବୋଲି ବିବେଚିତ କରିଥିଲେ ।

## ଜାମଦା ବ୍ଲକରେ ଦିନିଆ ସୁସ୍ଥ ଗ୍ରାମପଞ୍ଚାୟତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ମୟୂରଭଞ୍ଜ, ୦୧/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକରେ ଏକ ଦିନିଆ ସୁସ୍ଥ ଗ୍ରାମପଞ୍ଚାୟତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସିଡିପିଓ ଜ୍ୟୋତିରେଖା ଦତ୍ତ ସଭାପତିତ୍ୱ କରିଥିବା ବେଳେ ଧନଞ୍ଜୟ ସେନାପତି (ଯଶିପୁର ଆର୍ପି) ଉପସ୍ଥିତ ରହି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ ଓ ଏହାର କାରଣ, ପଞ୍ଚାୟତ ବିକାଶ ସୂଚୀ, ସୁସ୍ଥ ଗ୍ରାମପଞ୍ଚାୟତ ରୂପରେଖ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ସିଡ଼ିପିଓ ଶିଶୁ ଓ ମହିଳା ବିକାଶ ସମ୍ପର୍କରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ବିଆରସି ସୂର୍ଯ୍ୟପ୍ରକାଶ ମହାନ୍ତ ପରିମଳ ଓ ପାନୀୟ ଜଳ ସମ୍ପର୍କରେ ଗ୍ରାମପଞ୍ଚାୟତର ଭୂମିକା କଣ ତାହାରି ଉପରେ ଆଲୋକପାତ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ସରପଞ୍ଚ, ୧୦ ଜଣ ୱାର୍ଡମେମ୍ବର, ଏଏନ୍ଏମ୍, ଆଶାଦିଦି, ସିଆର୍ପି, ଏପିଓ ସିଦ୍ଧାର୍ଥ ପାଲ ଉପସ୍ଥିତ ଥିଲେ ଏବଂ ଶେଷରେ ବିପିସି ପେସା ଦୀପିକା ରାଣୀ ପ୍ରଧାନ ସାଧୁବାଦ ଅର୍ପଣ କରିଥିଲେ ।



## ମହାବିଦ୍ୟାଳୟର କର୍ମଚାରୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଆୟୋଜିତ

ପାଟଣା, ୦୧/୧୨ (ନି.ପ୍ର):ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର କର୍ମଚାରୀ ପରମେଶ୍ୱର ସାହୁଙ୍କୁ ଆଜି ମହାବିଦ୍ୟାଳୟ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜଣେ ଅମାୟିକ ଓ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ଶ୍ରୀ ସାହୁଙ୍କ କାର୍ଯ୍ୟକାଳରେ ସେ ଉଭୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମହଲରେ ଆଦୃତ ଥିଲେ । ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅ୍ୱସର କାଳୀନ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଧିଷ୍ଠିର ମହାନ୍ତ, ପ୍ରାଧ୍ୟାପକ ଅଶ୍ୱିନୀ କୁମାର ସାହୁ, ପ୍ରାଧ୍ୟାପକ ଜଗନ୍ନାଥ ମହାନ୍ତ, ପ୍ରାଧ୍ୟାପକ ହଳଧର ସାହୁ, କ୍ରୀଡା ଶିକ୍ଷକ ତଥା ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କ ସମେତ ଅନ୍ୟମାନେ ସଭାରେ ଉପସ୍ଥିତ ଥିଲେ ।

## ପୁରୁଷୋତ୍ତମପୁର ଠାରେ ଶିଶୁ ପ୍ରିୟ ପଞ୍ଚାୟତ କର୍ମଶାଳା ଅନୁଷ୍ଠିତ

ପୁରୁଷୋତ୍ତମପୁର, ୦୧/୧୨ (ନି.ପ୍ର): ଗଂଜାମ ଜିଲ୍ଲା ଅନ୍ତର୍ଗତ ପୁରୁଷୋତ୍ତମପୁର ବ୍ଲକ ସମ୍ମିଳନୀ କକ୍ଷରେ ଶିଶୁ ପ୍ରିୟ ପଞ୍ଚାୟତ କର୍ମଶାଳା ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ମନୋଜ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ସିଡିପିଓ ମମତା ମଲ୍ଲିକ ଉପସ୍ଥିତ ରହି ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ନିରାକାର ଜେନା, ଜାମୁନୀ ସରପଞ୍ଚ ଇନ୍ଦ୍ରଜିତ ନାୟକ, ଭୂତସରସିଙ୍ଗି ସରପଞ୍ଚ ମନୋଜ ଦାଶ, ଭୀମପୁର ସରପଞ୍ଚ ମାମାଲି ଦାସ, କୈଳାଶ ସେଠୀ, ରମେଶ ଦଳାଇଙ୍କ ସମେତ ୨୬ଟି ପଞ୍ଚାୟତର ସରପଞ୍ଚ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

## ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ପାଠଚକ୍ର ଅନୁଷ୍ଠିତ

ବେଲଗୁଣ୍ଠା, ୦୧/୧୨ (ନି.ପ୍ର):ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଏକ ପାଠଚକ୍ର ଅନୁଷ୍ଠାନ ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ତଥା ଗବେଷକ ଡ.ରତ୍ନ ସାଗର ମଲିକ ମଞ୍ଚାସୀନ ଥିବା ବେଳେ ଅଧ୍ୟାପକ ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଜେନା, ବିଶ୍ୱରଞ୍ଜନ ସ୍ୱାଇଁ ଏବଂ ଯୁବ ସାମ୍ବାଦିକ ଶିବରାମ ଚୌଧୂରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ । ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପିଙ୍କି ପାତ୍ର ପାଠଚକ୍ରକୁ ପରିଚାଳନା କରିଥିବା ବେଳେ ଛାତ୍ରୀ ଜୟଶ୍ରୀ ଗୌଡ଼ ଶିକ୍ଷା 'ମନୋବିଜ୍ଞାନ' ଶୀର୍ଷକ ପାଠଚକ୍ର ପାଠ କରିଥିଲେ । ସମସ୍ତ ଅତିଥି ଶିକ୍ଷା ଏବଂ ମନୋବିଜ୍ଞାନ ସମ୍ପର୍କରେ ନିଜର ମତ ପ୍ରଦାନ କରିଥିବା ବେଳେ ଆଲୋଚନାରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପିକା ପିଙ୍କି ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

# କଂଗ୍ରେସ ଏବେ ପକ୍ଷାଘାତର ଶିକାର ହୋଇଛି : ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୦୧/୧୨ (ନି.ପ୍ର): କଂଗ୍ରେସ ଦଳର ସତା ଏବେ ହଜିବାରେ ଲାଗିଛି । ସମଗ୍ର ଦେଶରେ କଂଗ୍ରେସ ଏବେ ପକ୍ଷାଘାତର ଶିକାର ହୋଇଛି । ଏପରିକି ନିଜେ ଚାଲିବାର କ୍ଷମତା ହରାଇ ସାରିଛି । ଏବେ ଛୋଟ ଛୋଟ ଆଂଚଳିକ ଦଳର ଆଶାବାଡିକୁ ଧରି କଂଗ୍ରେସ ଚାଲିବାକୁ ଉଦ୍ୟମ କରୁଛି । ତଥାପି ପ୍ରକୃତି ଛାଡୁନାହିଁ । କଥାରେ ଅଛି ମଣିଷ ପକୃତି ମଲେ ତୁଟେ । ସେହିପରି କଂଗ୍ରେସ ଦଳ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବାପରେ ଯାଇ ଏହି ପ୍ରକୃତି ଛାଡ଼ିବ ବୋଲି ଆଶା କରାଯାଉଛି । କଂଗ୍ରେସ ଏବେ ଯେଉଁ ଅବସ୍ଥାରେ ଅଛି ଏଭଳିସ୍ଥିତିରେ ଦଳ ତଳକୁ ତଳ ଯିବ ସିନା ଉପରକୁ ଉଠିପାରିବ ନାହିଁ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଆଇନ୍ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଶ୍ରୀ ହରିଚନ୍ଦନ କହିଛନି ଯେ, ଦେଶ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଡିଜି ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ମାନବ୍ୟର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭ କରି ଦେଶର ବରିଷ୍ଠ ନେତୃତ୍ୱ, ବିଭିନ୍ନ ପ୍ରଦେଶର ଡିଜି, ଆଇଜି, ବିଭିନ୍ନ ସୁରକ୍ଷା ବାହିନୀର ମୁଖ୍ୟମାନେ ଯୋଗଦେଇଛନ୍ତି । ବୈଠକରେ ଦେଶର ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଆହୁରି ଅଧିକ କିପରି ଉନ୍ନତ କରାଯାଇପାରିବ, ଅପରାଧ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ବିଷୟରେ ଆଲୋଚନା ଚାଲିଛି । ଏନେଇ ସମଗ୍ର ଦେଶର ନଜର ଏବେ ଓଡ଼ିଶା ଉପରେ ରହିଛି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ କଂଗ୍ରେସ ଓ ତାର ଛାମୁଆ ସଙ୍ଗଠନଗୁଡ଼ିକର ବାଚାଳାମି ଆରମ୍ଭ ହୋଇଛି । ଏଥରୁ ଅନୁମାନ ହେଉଛି କି କଂଗ୍ରେସ ଦଳର ଜିନ୍‌ରେ ଖରାପ ଗୁଣବତା ପଶିବା ଆରମ୍ଭ କରିଛି । ଜଣେ ଲୋକର ଚରିତ୍ର ପରବର୍ତନ ହେଲେ ଯେପରି ବିଲକ୍ଷଣ ଦେଖିବାକୁ ମିଳେ, ଠିକ୍ ସେଭଳି ପରିବର୍ତନ ଏବେ କଂଗ୍ରେସରେ ଦେଖିବାକୁ ମିଳୁଛି । କଂଗ୍ରେସ ଏବେ ସମ୍ପୂର୍ଣ୍ଣ ଦେଶ ବିରୋଧି ତତ୍ୱ ହେବାକୁ ଆରମ୍ଭ କରିଛି । ବିଦେଶରେ ଯଦି କେହି ଦେଶ ବିରୋଧି କଥା କହିଲେ, ଦେଶର ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କଲେ ଓ ଦେଶର ବିକାଶ ବିରୋଧରେ କହିଲେ ତାହା କଂଗ୍ରେସକୁ ସୁହାଉଛି । ଏଭଳି ଟିପ୍ପଣୀକୁ ନେଇ କଂଗ୍ରେସ ଦେଶରେ ଆନ୍ଦୋଳନ କରି ଜନସାଧାରଣଙ୍କୁ ଭୂଆଁ ବୁଲାଇବାକୁ ଉଦ୍ୟମ କରୁଛି । ଦେଶର କୌଣସି ବିକାଶର କଥା ଉଠିଲେ ଏହାର ପ୍ରତିଟି ପର୍ଯ୍ୟାୟକୁ ବିରୋଧ କରୁଛି । ବିକାଶ ବିରୋଧରେ ଅନବରତ ୩୬୫ ଦିନ କହିବାରେ ଲାଗିଛି । କଂଗ୍ରେସ ଦଳ ଏବେ ଲୋକ ବିରୋଧୀ ହୋଇଯାଇଛି । ଦେଶ ଏବଂ ଓଡ଼ିଶାର ଲୋକେ କ'ଣ ଚାହୁଁଛନ୍ତି ସେଥିପ୍ରତି କଂଗ୍ରେସ ଦଳର ନଜର ନାହିଁ । ପ୍ରଧାନମନ୍ତ୍ରୀ ମୋଦିଜୀ ଆମ ରାଜ୍ୟରେ ୩ ଦିନ ପାଇଁ ରହିବା ଏହା ସମସ୍ତଙ୍କ ପାଇଁ ଗୌରବର ବିଷୟ । ଆଗାମୀ ଦିନରେ ଓଡ଼ିଶାର ବିକାଶରେ ଏହା ଏକ ନୂଆ ଫର୍ଦ୍ଦ ହୋଇ ଯୋଡ଼ି ହେବାକୁ ଯାଉଛି । ମାତ୍ର କଂଗ୍ରେସ ଏହା ବିରୋଧରେ ସ୍ୱର ଉତୋଳନ କରିବା ଆରମ୍ଭ କରିଛି । ଏଥିରେ ସ୍ପଷ୍ଟ ହୋଇଛି ଯେ, ୩ଟି ଖରାପ ତତ୍ୱ କଂଗ୍ରେସର ଜିନ୍‌କୁ ଏବେ ପଶି ଆସଛି । ସେଗୁଡ଼ିକ ହେଲା, ଦେଶ ବିରୋଧୀ, ବିକାଶ ବିରୋଧୀ ଓ ଲୋକ ବିରୋଧୀ । ସାରା ଦେଶ ଯେତେବେଳେ ଓଡ଼ିଶା ଉପରେ ଦୃଷ୍ଟି ନିକ୍ଷେପ କରିଛି ଏଭଳି ସମୟରେ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀଙ୍କ ବିରୋଧରେ ଖରାପ ମନ୍ତବ୍ୟ ଦେଇ ନିଜଦଳକୁ ଧ୍ୱଂସ ଅଭିମୁଖେ ଟାଣି ନେଉଛି । ଏଭିଳ ଘଟଣା ସ୍ୱାଧୀନତା ପ୍ରାପ୍ତିଠାରୁ ଆଜି ପର୍ଯ୍ୟନ୍ତ କେବେ ଦେଖିବାକୁ ମିଳି ନଥିଲା । ଶ୍ରୀ ହରିଚନ୍ଦନ କଂଗ୍ରେସକୁ ପରାମର୍ଶ ଦେଇଛନ୍ତି ଯେ, ବଳିଦାନକୁ ଆଧାର କରି ଦେଶ ସ୍ୱାଧୀନତା ପାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଦେଶ ଆଜି ବିକାଶର ପଥରେ ଆଗେଇ ଚାଲିଛି । ୧୯୪୭ରୁ ଏପର୍ଯ୍ୟନ୍ତ ଏକ ଲମ୍ବା ଯାତ୍ରା ପରେ ଦେଶ ଆଜି ବିକାଶର ଯାତ୍ରାକୁ ଯିବା ଆରମ୍ଭ କରିଛି । ୨୦୪୭ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ବିକଶିତ କରିବା ପାଇଁ ମୋଦିଜୀଙ୍କ ସରକାର ପ୍ରୟାସ ଜାରି ରଖିଛନ୍ତି । ଓଡ଼ିଶାରେ ମୋହନ ମାଝିଙ୍କ ସରକାର ମଧ ଏନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି । ଏଭଳିସ୍ଥିତିରେ ଅସହିଷ୍ଣୁତା ଦେଖାଇଲେ ଚଳିବ ନାହିଁ । ଏଥିପାଇଁ ଆମେ ସମସ୍ତ ଜନସାଧାରଣଙ୍କ ସହଭାଗିତା ମାଗିଛୁ । ଏଥିପାଇଁ ସୁଧିରିଯିବାର ଆବଶ୍ୟକତା ଅଛି । ବହୁ ଲୋକଙ୍କ ବଳିଦାନରେ ତିଆରି ହୋଇଥିବା ଦେଶକୁ ଅପନିନ୍ଦିତ କରିବାକୁ କାହାରିକୁ ସୁଯୋଗ ଦିଆଯିବନାହିଁ । କଂଗ୍ରେସ ଦଳର ଯେଉଁ ଛାମୁଆ ସଂଗଠନ ଏଭଳି କାର୍ଯ୍ୟ କରୁଛନ୍ତି ତାଙ୍କ ଦଳର ଶୀର୍ଷ ନେତୃତ୍ୱ ଏଥିପ୍ରତି ନଜର ଦିଅନ୍ତୁ । କଂଗ୍ରେସ ନିଜକୁ ଆହୁରି ଧ୍ୱଂସ ଆଡ଼କୁ ନନେଇ ଅନ୍ତତଃ ବଂଚିବାର ପ୍ରୟାସ କେମିତି ହେବ ସେ ବାବଦରେ ଚିନ୍ତା କରିବା ଜରୁରୀ । ଏହି ସାମ୍ବାଦିକ ସମ୍ମିଳନୀ ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।




## ଓଷ୍ଟା ପକ୍ଷରୁ ବୁଗୁଡ଼ା ଠାରେ ବ୍ଲକ-ସ୍ତରୀୟ ଶିଶୁ ଉତ୍ସବ ପାଳିତ

ବୁଗୁଡା, ୦୧/୧୨ (ନି.ପ୍ର): ବୁଗୁଡା ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ବ୍ଲକ-ସ୍ତରୀୟ ଶିଶୁ ଉତ୍ସବ ସଭାପତି ପ୍ରଶାନ୍ତ କୁମାର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ସନ୍ତୋଷ ଜେନା ଯୋଗ ଦେଇଥିବା ବେଳେ ବ୍ଲକର ବହୁ ପ୍ରଧାନଶିକ୍ଷକ ଅତିଥିଭାବେ ଯୋଗଦେଇ ଓଷ୍ଟକ୍ଷ ଦ୍ୱାରା ପରିଚାଳିତ ଶିଶୁଉତ୍ସବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସମ୍ପାଦକ କାହ୍ନୁ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରାୟ ଦଶଟି ଉଚ୍ଚ ବିଦ୍ୟାଳୟରୁ ଏକଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଦଶଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀ ଆଗାମୀ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଯୋଗଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସମସ୍ତ କାର୍ଯ୍ୟକ୍ରମର ବିଚାରକ ଓ ପରିଚାଳନାରେ କୈଳାଶ ଚନ୍ଦ୍ର ମହାରଣା, ନାଗେଶ୍ୱର ରାଓ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ମୃତ୍ୟୁଞ୍ଜୟ ହୋତା, ତପନ କୁମାର ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ, ଉର୍ମିଳା ସ୍ୱାଇଁ, ପ୍ରଣୀତକ୍ଷ କୁମାରୀ ସ୍ୱାଇଁ, ସୁଶାନ୍ତ କୁମାର ସାହୁ, ବିବେକାନନ୍ଦ ପଟ୍ଟନାୟକ, ରାଜଲକ୍ଷ୍ମୀ ସ୍ୱାଇଁ, ରୋହିତ କୁମାର ସେଠୀ, ଅଶୋକ କୁମାର ସ୍ୱାଇଁ, ବିଶ୍ୱନାଥ ମହାରଣା, ସୁବଳ କହଁର, ରଂଜିତ କୁମାର ସେଠୀ, ଶମ୍ଭୁ ଶଙ୍କର ଜେନା ରହିଥିଲେ । କାର୍ଯ୍ୟକ୍ରମରେ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ । ଏହି ଅବସରେ ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦେଶକ ଏ.ଚନ୍ଦନ ଚର୍ଚ୍ଚିତ ପାତ୍ରଙ୍କୁ ପ୍ରଶଂସାପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ସମ୍ପାଦକ କାହ୍ନୁ ଚରଣ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଆଦିବାସୀ ଗ୍ରାମରେ କମ୍ବଳ ବାଣ୍ଟିଲେ ସମାଜସେବୀ

ପାଟଣା, ୦୧/୧୨ (ନି.ପ୍ର): ଢେଙ୍କିକୋଟ ନିକଟସ୍ଥ ବଡମସିଣାବିଲ୍ଲୀ ପଞ୍ଚାୟତ ଗିଧିବସାରେ ଘଟଗାଁର କୋଦଣ୍ଡଧର ସେବା ଫାଉଣ୍ଡେସନ ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ରବି ନାରାୟଣ ଦେହୁରୀ ଆଜି ଗ୍ରାମବାସୀଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରିଛନ୍ତି । ଏବେ ଗ୍ରାମାଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଥିବାରୁ ଗରିବ ଲୋକଙ୍କ ପାଇଁ କମ୍ବଳ ଖଣ୍ଡିଏ ମଧ ବେଶ ଉପଯୋଗୀ ବୋଲି ଶ୍ୟାମ ମୁଣ୍ଡା କହିଛନ୍ତି । ସମାଜସେବୀ ରବିନାରାୟଣ ଦେହୁରୀଙ୍କ ସହ ଶ୍ରୀକାନ୍ତ ନାୟକ ଓ ଶ୍ୟାମ ମୁଣ୍ଡା ଗିଧିବସାରେ ୩୫ ଜଣ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରିଛନ୍ତି ।

## ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ପାଟଣା, ୦୧/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମେଦିନିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସ ମହାନ୍ତଙ୍କୁ ଆଜି ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶ୍ରୀମତୀ ମହାନ୍ତ ୨୦୦୩ ମସିହାରେ ଜଣେ ଉତ୍ତମ ଶିକ୍ଷୟତ୍ରୀ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ମେଦିନିପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଦ୍ରୌପଦୀ ନାୟକ ଅଧ୍ୟକ୍ଷତା କରିଥିଲେ । ଘୁଣ୍ଟିବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳାକର ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାକୁ ବଡ଼ବିଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ସେଠୀ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୁବାସ ମହାନ୍ତଙ୍କ ବିଦାୟ କାଳୀନ ସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୀପୁ ନାଏକ ଓ ସମୀର ନାଏକ ପ୍ରମୁଖ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନେକ ପ୍ରତିଭା ଓ ସମାୟାନୁବର୍ତିତା ଉପରେ ମତବ୍ୟକ୍ତ ରଖିଥିଲେ ।

## କୋଠାଘର ଗ୍ରାମରେ ମାଣ୍ଡିଆ ଅମଳ ଦିବସ ପାଳିତ

ପାଟଣା,୦୧/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ କୋଠାଘର ଗ୍ରାମରେ ଚଳିତ ଖରିଫ ଋତୁ ପାଇଁ ମାଣ୍ଡିଆ ଅମଳ ଦିବସ ପାଳିତ ହୋଇଯାଇଛି । ଶ୍ରୀଅନ୍ନ ଅଭିଯାନ ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହ କୃଷି ଅଧିକାରୀ ପରେଶ କୁମାର ଦାଶ, କୃଷି ଅଧିଦର୍ଶକ ଅଭୟ ରାଉତ, ମିଶନ ଶକ୍ତି ବିପିସି ଯଜ୍ଞବଳ୍କ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥି ମାନେ ମାଣ୍ଡିଆ ଚାଷର ସରକାରୀ ସହାୟତା ଏବଂ ବିକ୍ରିର ମାଧ୍ୟମ ଆଦି ବିଷୟରେ ଆଲୋଚନା କରିଥିଲେ । ଗ୍ରାମର ଅଧିକରୁ ଅଧିକ ଚାଷୀଙ୍କୁ ମାଣ୍ଡିଆ ଚାଷ କରି ତାର ଲାଭ ଉଠାଇବା ପାଇଁ ଚାଷୀ ମାନଙ୍କୁ ନିବେଦନ କରିଥିଲେ । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏବଂ କୃଷି ବିଭାଗର ସହାୟତାରେ ଉକ୍ତ କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତ ସଂଗଠନର ସ୍ୱେଚ୍ଛାସେବୀ ତଥା ଶ୍ରୀଅନ୍ନ ଅଭିଯାନର ବ୍ଲକ ସହ-ସଂଯୋଜକ ତ୍ରିଲୋଚନ ମହାନ୍ତ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ମାଣ୍ଡିଆ କ୍ଷେତ୍ରରେ ଫସଲ କଟା ପରୀକ୍ଷଣ କରାଯାଇ ହେକ୍ଟର ପ୍ରତି ମାଣ୍ଡିଆ ଉତ୍ପାଦନର ଆକଳନ କରାଯାଇଥିଲା ।କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।




## ଜୟପାଟଣା ଠାରେ ବ୍ଲକ-ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜୟପାଟଣା,୦୧/୧୨ (ନି.ପ୍ର): ଜୟପାଟଣା ବ୍ଲକ ପରିସରରେ ଆଜି ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଏସଏସଓ ସିଦ୍ଧାର୍ଥ କୁମାର ମୁଣ୍ଡଙ୍କ ପରିଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଭାବେ ବିଡିଓ ଧର୍ମରାଜ ମାଝୀ, ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହର ଏବଂ ସମ୍ମାନିତ ଅତିଥି ଭାବେ ଧର୍ମଗଡ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ, ଜୟପାଟଣା ସମିତି ସଭ୍ୟା ରଶ୍ମିତା ଦୁରିଆ, ହୋମେଶ ପ୍ରସନ୍ନ ବେହେରା ଓ ଜିଲ୍ଲା ଭିନ୍ନକ୍ଷମ ସମିତି ଓ ସାଇଟସେଭର ସଂସ୍ଥାର ସେଚ୍ଛାସେବୀ ମାନେ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ । ବ୍ଲକର ୨୨ଟି ପଞ୍ଚାୟତରୁ ଆସିଥିବା ମୋଟ ୩୪୭ ଜଣ ହିତାଧିକାରୀ ପଞ୍ଜିକରଣ କରିଥିଲେ ତଥା ଡିଏଚଏଚରୁ ଆସିଥିବା ବିଶେଷଜ୍ଞ ଦଳ ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ହିତାଧିକାରୀ ମାନେ ପ୍ରମାଣ ପତ୍ର, ବସ ଓ ଟ୍ରେନ ପାସ, ଦିବ୍ୟାଙ୍ଗ ଉପକରଣ, ବୃତ୍ତିଗତ ତାଲିମ, ଡିଆରଆଇ ଋଣ ପାଇଁ ଆବେଦନ କରିଥିଲେ । ପରେ ଯୋଗ୍ୟ ହିତାଧିକାରୀଙ୍କୁ, ଭିନ୍ନକ୍ଷମ ପ୍ରମାଣ ପତ୍ର, ଟ୍ରାଇ ସାଇକେଲ, ହ୍ୱିଲ ଚେଆର, ବସ ପାସ ଓ ଟ୍ରେନ ପାସ ପ୍ରଦାନ କରାଯାଇଥିଲା । ଏଥିରେ ପଞ୍ଚାୟତ ଓ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଅଦିନିଆ ବର୍ଷା ଯୋଗୁଁ ଚିନ୍ତାରେ କଳାହାଣ୍ଡି ଜିଲ୍ଲା ଚାଷୀ



କର୍ଲାମୁଣ୍ଡା, ୦୧/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସମେତ ରିଷିଡା, ଗଜବାହଲ, ପୌରକେଲା, ତେରେସିଂହା, ରିଞ୍ଜା, ରାଜପୁର, ସରଗୁଲମାଲପଡା, ରେଗେଡା, ବୋରପଦର, ଯୋରାଡବ୍ରାରା, ସାପଲହରା ଆଦି ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମରେ ଚଳିତ ଖରିଫ ଋତୁର ପ୍ରାୟ ୮୦ ପ୍ରତିଶତ ଧାନ ଅମଳ ହୋଇସାରିଛି । ଏପଟେ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅମଳ ହୋଇଥିବା ଧାନ ବିଭିନ୍ନ ଖଳାରେ ଖୋଲା ଆକାଶ ତଳେ ପଡ଼ିରହିଛି । ଅନ୍ୟ ପଟେ ଶୁକ୍ରବାର ସନ୍ଧ୍ୟାରୁ ଏହି ସବୁ ଅଞ୍ଚଳରେ ଅଦିନିଆ ଝିପିଝିପି ବର୍ଷା ହେଉଥିବାର ଯୋଗୁଁ ଧାନ ଓଦା ହେଉଥିବା ଦେଖିବାକୁ ମିଳିଛି । ସେହିପରି କିଛି ଚାଷୀ ଧାନକୁ ଗୋଟାଇ ତାରପୋଲିନ ଜରି ଘୋଡାଉଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ ଖୋଲାରେ ପଡ଼ିରହିଛି । ଫଳରେ ବଡ଼ବର୍ଷା ହେଲେ ଧାନ ଗଜାହେବା ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ଧାନମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବିଭିନ୍ନ ଅଞ୍ଚଳରେ ଦଲାଲ ସକ୍ରିୟ ରହି କ୍ୱିଣ୍ଟାଲ ପିଛା ୧୯୦୦ ରୁ ୨୦୦୦ ଟଙ୍କାରେ ଧାନ କିଣୁଥିବା ଅଭିଯୋଗ ହେଉଛି ।

## ବୁଗୁଡା ଅନ୍ତର୍ଗତ ତାଳସାକର ୟୁ.ପି. ସ୍କୁଲରେ ପୋଷାକ ବଣ୍ଟନ ମେଳା ଏବଂ ଅଭିଭାବକ-ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ

ବୁଗୁଡା, ୦୧/୧୨ (ନି.ପ୍ର):ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ତାଳସାକର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷକ ବଣ୍ଟନ ମେଳା ଓ ଅଭିଭାବକ-ଶିକ୍ଷକ ସଂଘ ବୈଠକ ନଭେମ୍ବର ୩୦ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅଭିଭାବକ ଶିକ୍ଷକ ସଙ୍ଘ ବୈଠକ ଏସଏମସି ସଭାପତି ପ୍ରଭାତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ନିୟମାବଳୀ ଅନୁଯାୟୀ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଏପିଏଏଆର ଆଡ଼ି କାର୍ଡ଼କୁ ଅଭିଭାବକ ବୃନ୍ଦ ସମ୍ମତି ପ୍ରକାଶ ପାଇଁ ଅନୁରୋଧ କରିଥିଲେ ଓ ଆଲୋଚନା ପରେ ଏହାକୁ ନେଇ ବୈଠକରେ ସମ୍ମତି ପ୍ରକାଶ ପାଇଥିଲା । ଏହାପରେ ପ୍ରଧାନ ଶିକ୍ଷକ ଶ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା । ଅତିଥିଭାବେ ଏସଏମସି ସଭାପତି ଶ୍ରୀ ଜେନା ଓ ସିଆରସିସି ଦିଲ୍ଲୀପ କୁମାର ବେହେରା ଯୋଗଦେଇ ୨୯୮ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ । ସହକାରୀ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଡାବୁଗାଁ କୃଷିଫାର୍ମରେ ଧାନ ପରବର୍ତ୍ତୀ ଫସଲର ସଫଳତା ନିମନ୍ତେ ବିହନ ଏବଂ ଅନ୍ୟାନ୍ୟ କୃଷି ସାମଗ୍ରୀ ବଣ୍ଟନ

ନବରଙ୍ଗପୁର, ୦୧/୧୨ (ନି.ପ୍ର): ଡାବୁଗାଁ କୃଷି ଫାର୍ମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ, ଧାନ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା ଯୋଜନା ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଚାଷ ଉପଯୋଗୀ ଚଣା ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏଏଓ ସୌମେନ୍ଦ୍ର ବିଶ୍ୱାସ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଧାୟକ ମନୋହର ରନ୍ଧାରି, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ରାଜଶେଖର ରାଓ, ବିଡ଼ିଓ ଶରତ ମାଝୀ, ବକ୍ତା ଭାବେ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରୀଣି ସଭ୍ୟ ଜୟନ୍ତ କୁମାର ପାତ୍ର ଯୋଗଦେଇ ଥିଲେ । ନରେଶ ସିଂ, ଓକିଲ ଦିବାନ ସିଂ, ଏମ.ବୁଲୁ ରାଓ, ଏମ. ଆପା ରାଓ, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ସୁରେନ୍ଦ୍ର ମିଶ୍ର ଏବଂ ମନୋହର ସେନା ମଞ୍ଚାସିନ ଥିଲେ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅନେକ କୃଷି ହିତକର ଯୋଜନା ଗୁଡିକର ସଦୁପଯୋଗ ଚାଷୀମାନେ କରନ୍ତୁ ବୋଲି ନିଜ ବକ୍ତବ୍ୟରେ ଜୟନ୍ତ କୁମାର ପାତ୍ର କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାଞ୍ଚନ ହରିହର, ରତନ କଲାର, ଦିନବନ୍ଧୁ ମାଝୀ, ଗୋବିନ୍ଦ ମାଝୀ, ପିଣ୍ଟୁ ପୂଜାରୀ, ଭଦର ହରିଜନଙ୍କ ସମେତ ଅନେକ କୃଷକ ଉପସ୍ଥିତ ଥିଲେ ।

## ବୋଡ଼େନ ଠାରେ ଜଳମିତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ବୋଡ଼େନ, ୦୧/୧୨ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ସଭାଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣାଙ୍କ ଅଧ୍ୟକ୍ଷତାରେ ଜଳମିତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଏପିଓ ରବିନାରାୟଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପରେ ନିୟୋଜିତ ଜଳମିତ୍ର ମାନଙ୍କୁ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ ଦ୍ୱାରା ତାଲିମ ପ୍ରାପ୍ତ ପ୍ରଶିକ୍ଷକ 'ୟାର' ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ଯୋଶୀ ଓ ପ୍ରକୃତି ବନ୍ଧୁ ଅରୁଣ କୁମାର ବିଶ୍ୱାଳ ତାଲିମ ପ୍ରଦାନ କରୁଛନ୍ତି । ଜଳମିତ୍ରଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ରହିଛି । ମହିଳା ଜଳମିତ୍ର ୪୭ ଜଣ ଓ ପୁରୁଷ ଜଳମିତ୍ର ୪୭ ଜଣ, ସମୁଦାୟ ୯୪ ଜଣ ଜଳମିତ୍ର ତିନୋଟି ପର୍ଯ୍ୟାୟରେ ତାଲିମ ଗ୍ରହଣ କରିବେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିପିଇଓ ପ୍ରଫୁଲ୍ଲ କୁମାର ନାଏକ, ଏସ୍ପୀରେଶନାଲ ବ୍ଲକ ଫେଲୋ ରାକେଶ କୁମାର ଷଡ଼ଙ୍ଗୀ, ବିଏଲସି ସୁନିତା ସୋନା ସହଯୋଗ କରିଥିଲେ ।

## ବାପାର ଟାଙ୍ଗିଆ ଚୋଟରେ ପୁଅ ଗୁରୁତର : ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି

ବାଲିଗୁଡ଼ା, ୦୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ପଞ୍ଚାୟତ ସିକିଡିକିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ବାପାର ଟାଙ୍ଗିଆ ଚୋଟରେ ଗୁରୁତର ଅବସ୍ଥାରେ ପୁଅକୁ ଟିକାବାଲି ମେଡିକାଲ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଶୁକ୍ରବାର ସଂଧାରେ ସିକିଡିକିଆ ଗ୍ରାମର ପ୍ରଶାନ୍ତ କହଁର ନିଜ ପୁଅ ବିବେକ କହଁରଙ୍କୁ ଟାଙ୍ଗିଆରେ ମୁଣ୍ଡକୁ ହାଣି ଦେଇଥିବା ଜଣାପଡିଛି । ଗ୍ରାମବାସୀ ବିବେକଙ୍କୁ ଉଦ୍ଧାର କରି ପ୍ରଥମେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ, ତେବେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ବିବେକଙ୍କ ମୁଣ୍ଡରେ ଟାଙ୍ଗିଆ ପଶି ରହିଥିବାରୁ ସଂଗେ ସଂଗେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

# ଘୋର ଅବ୍ୟବସ୍ଥା ମଧ୍ୟରେ ଚାଲିଛି କଣାସ ଡିଗ୍ରୀ କଲେଜ

କଣାସ, ୦୧/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ଡିଗ୍ରୀ କଲେଜ ଦୀର୍ଘଦିନ ହେବ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି ମହାବିଦ୍ୟାଳୟକୁ ନିୟମିତ ଅଧ୍ୟକ୍ଷ ଓ ଅଧ୍ୟାପକ ଆସୁନାହାନ୍ତି । ଯଦିବା କେତେ ବେଳେ ଆସୁଛନ୍ତି ଏବଂ ୭ଘଣ୍ଟା ପିଲାମାନଙ୍କୁ ପାଠ ପଠାଇବା ପାଇଁ ସରକାରୀ ନିୟମ ରହିଥିବା ବେଳେ ମାତ୍ର ଏକ ରୁ ଦୁଇ ଘଣ୍ଟା ରହି କିଏ ଟିୟୁସନ୍ କରୁଛନ୍ତି ତ କିଏ ନିଜ ବ୍ୟବସାୟରେ ବ୍ୟସ୍ତ ରହୁଛନ୍ତି । ପାଠ ପଢା ବର୍ଷ ଶେଷ ହେବାକୁ ବସିଥିବା ବେଳେ ଆଜି ପର୍ଯ୍ୟନ୍ତ କେତେକ ବିଷୟ ଖୋଲା ଯାଇନଥିବା ଛାତ୍ରଛାତ୍ରୀ ତଥା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ସେଥି ମଧ୍ୟରୁ କଜେଜର ଅଧ୍ୟକ୍ଷ ନିଜେ ପଢାଉ ଥିବା ଅର୍ଥନୀତି ବିଷୟ ମଧ୍ୟ ପଢ଼ା ଯାଉନଥିବା ବେଳେ ଇଂରାଜୀ ରଖିଥିବା ପିଲାମାନେ ଅଧ୍ୟାପକଙ୍କୁ ପାଠ ପଢା କଥା କହିଲେ, ତୁମେ କାହିଁକି ଇଂରାଜୀ ରଖିଛ ବୋଲି ଓଲଟା ବିତଣ୍ଡା ଯୁକ୍ତି କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଅନୁଦାନର ହିସାବ ପତ୍ର କରାଯାଉନାହିଁ । ପରିଚାଳନା କମିଟିର ଅନୁମୋଦନ କ୍ରମେ ବାର୍ଷିକ ଆୟବ୍ୟୟ କରାଯିବାର ବିଧି ବ୍ୟବସ୍ଥା ରହିଥିବା ବେଳେ କେତେକ ମୁନାଫାଖୋର୍ ଅଧ୍ୟାପକ ଓ ଅଧ୍ୟକ୍ଷ ମିଳିମିଶି ଅର୍ଥ ଆତ୍ମସାତ କରିଥିବା ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ହରିଚନ୍ଦନ କହିଛନ୍ତି । ବାରମ୍ବାର ପରିଚାଳନା କମିଟି କଲେଜର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବୈଠକ ଡକାଉ ଥିଲେ ମଧ୍ୟ କଲେଜ ଅଧ୍ୟକ୍ଷ ବିଭିନ୍ନ ଆଳ ଦେଖାଇ ବୈଠକ କରାଇ ଦେଉନାହାଁନ୍ତି । କଜେଜର ସରକାରୀ ଅନୁଦାନ ପାଇଥିବା କର୍ମଚାରୀ ସଠିକ୍ ଭାବରେ କାର୍ଯ୍ୟ କରୁନଥିବା ବେଳେ ଅଣଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ କଲେଜ ଚଳାଉ ଥିବା ଦେଖିବାକୁ ମିଳିଛି । ସେପଟେ କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ସରକାରଙ୍କ ପକ୍ଷରୁ ବାୟୋମେଟ୍ରିକ ଉପସ୍ଥାପନା ବ୍ୟବସ୍ଥା ଲଗାଯାଇଥିବା ବେଳେ ତାହାକୁ ଜାଣିଶୁଣି ଅଚଳ କରିଦିଆଯାଇଛି । ମାନୁଆଲ ଉପସ୍ଥାପନରେ ଅଧ୍ୟାପକ ମାନେ ଅନୁପସ୍ଥିତ ରହି ମନଇଚ୍ଛା ଉପସ୍ଥିତ ଦର୍ଶାଇ ଦରମା ବିଲ କରାଇ ସକରକାରଙ୍କ ରାଜକୋଷରୁ ଅର୍ଥ ଆତ୍ମସାତ କରୁଥିବା ଜଣାପଡିଛି । ଏନେଇ ଉଚ୍ଚଶିକ୍ଷା ଅର୍ଥ ବିଭାଗ ପକ୍ଷରୁ ତା.୧୩/୦୯/୨୦୨୪ ଚିଠି ସଂଖ୍ୟା ୩୬୦୪୫ ରେ କଲେଜକୁ ବାୟୋମେଟ୍ରିକ୍ ଓ ମାନୁଆଲ ଉପସ୍ଥାପନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାହାର କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି । ଏହିଭଳି କେତେକ ଅଭିଯୋଗକୁ ଭିତ୍ତିକରି ଆଜି ଅଚାନକ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଓ ତାଙ୍କ ଟିମ କଣାସ ଡିଗ୍ରୀ କଲେଜରେ ପହଞ୍ଚି ଥିଲେ । ସେହି ସମୟରେ କଲେଜରେ ଦୁଇଜଣ କିରାଣୀ ଓ ଦୁଇ ଜଣ ପିଅନ ରହିଥିବାବେଳେ ଅଧ୍ୟକ୍ଷ ଓ କୌଣସି ଅଧ୍ୟାପକ ନଥିବା ଦେଖିବାକୁ ପାଇଥିଲେ । ଫଳରେ କଲେଜରେ ଅଧ୍ୟକ୍ଷ ଓ ଅଧ୍ୟାପକ ଅନୁପସ୍ଥିତ ରହୁଥିବା ଓ ଛାତ୍ରଛାତ୍ରୀଙ୍କ ପାଠ ପଢା ହେଉନଥିବା ଯୋଗୁ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତିକରୁଥିବା ନେଇ ଆଞ୍ଚଳିକ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଛନ୍ତି । କଲେଜର ଆକାଉଣ୍ଟ ଅଡିଟ ହେଉନଥିବା, ହିସାବପତ୍ର ତନଖି, ଛାତ୍ରଛାତ୍ରୀମାନଙ୍କ ପାଠପଢା ହେଉନଥିବା ଓ ନିୟମିତ କଲେଜକୁ ଅଧ୍ୟକ୍ଷ ଓ ଅଧ୍ୟାପକ ଆସୁନଥିବା ନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ, ସଚିବ ଦୃଷ୍ଟି ଦେବା ପାଇଁ ପରିଚାଳନା କମିଟି, ଅଭିଭାବକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି ।



## ହମ୍ପସରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ : ବାଇକ୍ ଚାଳକ ଗୁରୁତର

ପାଟଣା, ୦୧/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ୪୯ ନମ୍ବର ଜାତୀୟ ରାଜପଥର ଝାରବେଡା ଛକ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ବାଇକ୍ ଚାଳକ ପାଟଣା ଥାନା ବେଗେନା ଗ୍ରାମର ବୋଲି ଜଣାପଡ଼ିଛି ।? ସେ ତୁରୁମୁଙ୍ଗାରେ ଭଡା ଘର ନେଇ ରହୁଥିବା ବେଳେ କୋଇଡାରେ କାର୍ଯ୍ୟ କରନ୍ତି । ସେ ବଜାରରୁ ଭଡ଼ା ଘରକୁ ଫେରୁଥିବା ସମୟରେ ସେଠାରେ ନୂତନ ଭାବେ ତିଆରି ହୋଇଥିବା ହମ୍ପସରେ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଫଳରେ ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖିରେଇଟାଙ୍ଗିରୀ ଟୋଲ୍ ଗେଟ୍ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ପକ୍ଷରେ ନୂତନ ଭାବେ ତିଆରି ହୋଇଥିବା ହମ୍ପସର କୌଣସି ସୂଚନା ନଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଏଣୁ ହମ୍ପସ ନିର୍ମାଣର ସୂଚନା ଦେବାକୁ ସାଧାରଣରେ ଦାବି ହୋଇଛି ।

## ଘଷିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପିର ନୂତନ ବୈତରଣୀ ମଣ୍ଡଳ ଗଠିତ

ପାଟଣା, ୦୧/୧୨ (ନି.ପ୍ର): ବିଜେପି ଓଡ଼ିଶାର ମଣ୍ଡଳ ସ୍ତରୀୟ ସାଂଗଠାନିକ ନିଷ୍ପତି କ୍ରମରେ ଦୁଇଟି ବିଧାନସଭାରେ ଗୋଟିଏ ମଣ୍ଡଳ ରହିପାରିବ ନାହିଁ ବୋଲି ନିଷ୍ପତି ନିଆଯାଇଥିଲା । ସେହି ନିଷ୍ପତି ଅନୁଯାୟୀ ଗହଳମୁଣ୍ଡା ମଣ୍ଡଳରୁ ତିନିଗୋଟି ପଞ୍ଚାୟତ ଯଥା ବୁଢ଼ୀକୁଦ, କୋଳିମାଟି ଓ ଧକୋଠା ପଞ୍ଚାୟତକୁ ଅଲଗା କରାଯାଇ ଘଷିପୁରା ବିଧାନସଭା କ୍ଷେତ୍ରରେ ବୈତରଣୀ ମଣ୍ଡଳ ନାମରେ ଏକ ନୂତନ ମଣ୍ଡଳ ସୃଷ୍ଟି କରାଯାଇଛି । ଫଳରେ ଘଷିପୁରା ବିଧାନସଭାରେ ଛଅ ଗୋଟି ମଣ୍ଡଳରୁ ସାତଗୋଟି ମଣ୍ଡଳ ସୃଷ୍ଟି ହୋଇଛି । ଏଥିପାଇଁ ଘଷିପୁରା ନିର୍ବାଚନ ମଣ୍ଡଳୀ ତରଫରୁ ବିଧାୟକ ପ୍ରାଥି ଡଃ ଶମ୍ଭୁନାଥ ରାଉତଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଅନୁମୋଦିତ ହୋଇଥିବାରୁ ଘଷିପୁରା ର ଡ଼ଃ ରାଉତଙ୍କ ସହ ନିର୍ବାଚନ ମଣ୍ଡଳୀର ସମସ୍ତ କାର୍ଯ୍ୟକର୍ତ୍ତା ଓଡ଼ିଶା ପ୍ରଦେଶର ପ୍ରଭାରୀ ସୁନିଲ ବଂଶଲ୍, ବିଜୟପାଲ ସିଂ ତୋମାର. ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଭିଜିଲାନ୍ସ ଜାଲରେ ଫସିଗଲେ ମାଡାମ ସନ୍ଧ୍ୟାରାଣୀ

ବେଗୁନିଆପଡା, ୦୧/୧୨ (ନି.ପ୍ର): ବିଗତ ଚବିଶି ବର୍ଷର ସରକାରରେ ପିସି କାରବାର କୁ ନେଇ ହ୍ୟାଙ୍ଗ ଓଭର ଯାଇ ନଥିବା ପ୍ରଶାସନିକ କଳ ଉପରେ ଭୟଙ୍କର କାର୍ଯ୍ୟାନୁଷ୍ଠାନ ନେଉଛି ଭିଜିଲାନ୍ସ । ଦିନକୁ ଦିନ ଭିଜିଲାନ୍ସ ଜାଲରେ ପଡୁଛନ୍ତି ଅନେକ ପ୍ରଶାସନିକ ଅଧିକାରୀ । ଏବେ ପୁଣି ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଆକ୍ଟିଭ ଆକ୍ସନରେ ଧରା ପଡିଛନ୍ତି ବେଗୁନିଆପଡା ବ୍ଲକ ଶିଶୁ ସମ୍ବନ୍ଧିତ ବିକାଶ ବିଭାଗ ଅଧିକାରିଣୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ । ଜଣେ ଅଙ୍ଗନବାଡି ସହାୟିକାଙ୍କ ଠାରୁ ବାର ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡେ ପଡିଯାଇଛନ୍ତି ସିଡିପିଓ ମାଡାମ । ସୂଚନା ଅନୁଯାୟୀ କୁମାରୀପାରି ର ଜଣେ ଅଙ୍ଗନବାଡି ସହାୟିକାଙ୍କ ଅଠର ମାସର ଦରମା କରାଇ ଦେବାକୁ ନେଇ ପନ୍ଦର ହଜାର ଟଙ୍କା ଲାଞ୍ଚ ମାଗିଥିଲେ ସିଡିପିଓ । କିନ୍ତୁ ଏତେ ଅର୍ଥ ଦେବାକୁ ଅସମର୍ଥ ଥିବା ସହାୟିକା ଜଣଙ୍କ ବାର ହଜାର ଟଙ୍କା ଦେବେ ବୋଲି ସିଡିପିଓ ଙ୍କ ସହିତ ମୁଲଚାଲ କରିଥିଲେ । ଆଜି ପୂର୍ବାହ୍ନ ସମୟରେ ସହାୟିକା ଜଣଙ୍କ ବାର ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ହଠାତ ଚଢ଼ାଉ କରିଥିଲା । ଯାହା ଫଳରେ ରଙ୍ଗେହାଥ ଧରା ପଡିଗଲେ ମାଡାମ ସନ୍ଧ୍ୟାରାଣୀ । ତେବେ ଗତ ୨୨ ତାରିଖ ଦିନ ସମିତି ବୈଠକରେ ଏହି ବିଭାଗର କାର୍ଯ୍ୟଶୈଳୀ ତଥା ଛତୁଆ ଦୁର୍ନୀତିକୁ ନେଇ ଜନ ପ୍ରତିନିଧି ହୋ ହାଲା କରିବା ସହିତ ବିଧାୟକ ତାଗିଦ କରିଥିଲେ । ହେଲେ ମାତ୍ର କେଇଟା ଦିନ ହେଇନି ମାଡାମଙ୍କ ପୁରୁଣା ଅଭ୍ୟାସ ଜାଗି ଉଠିଲା । ଅନ୍ୟପଟେ ସଜାଗ ଥିଲା ବ୍ରହ୍ମପୁର ଭିଜିଲାନ୍ସ ଟିମ । ଯାହା ଫଳରେ ଦୀର୍ଘ ଛଅ ବର୍ଷ ଧରି ମାଡାମଙ୍କ ଲାଞ୍ଚ ନେବା ଘଟଣା ପଦାରେ ପଡିଗଲା ବୋଲି ଚର୍ଚ୍ଚା ହେଉଛି । ପରେ ଭିଜିଲାନ୍ସ ବେଗୁନିଆପଡା କାର୍ଯ୍ୟାଳୟ ସମେତ ସରକାରୀ ଘର ଏବଂ ବାହାରେ ଥିବା ଘର ଉପରେ ଚଢ଼ାଉ ଜାରି କରିଥିବା ସୂଚନା ମିଳିଛି



।ଅନ୍ୟ ପକ୍ଷରେ ବେଗୁନିଆପଡା ବ୍ଲକରେ ଆହୁରି ଅନେକ ଦୁର୍ନୀତି ଖୋର ଅଫିସର ଥିବା ଚର୍ଚ୍ଚା ହେଉଥିବା ବେଳେ ଏମାନେ ଖୁବ ଶୀଘ୍ର ଭିଜିଲାନ୍ସ ଜାଲରେ ପଡି ପାରନ୍ତି ବୋଲି ଆଲୋଚନା ହେଉଛି ।

# ମୁଗ ବିହନ ହେରଫେର ନେଇ ଜିଲ୍ଲା କୃଷି ଅଧିକାରୀଙ୍କ ତଦନ୍ତ

ବସ୍ତା, ୦୧/୧୨ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ ଭେଲୋରା ଓ ନଟାକଟା ପଞ୍ଚାୟତ ରେ ମୁଗ ଓ ବିରି ବିହନ ବଣ୍ଟନ ର ବ୍ୟାପକ ଅନିୟମିତତା ନେଇ ଆଜି ଜିଲ୍ଲା କୃଷି ଅଧିକାରୀ ଙ୍କ ତଦନ୍ତ। ସୂଚନା ଅନୁସାରେ ୨୦୨୧ -୨୪ ଆର୍ଥିକ ବର୍ଷ ରେ ବସ୍ତା ବ୍ଲକ୍ ର ବିଭିନ୍ନ ପଞ୍ଚାୟତ ରେ କେଉଁ ହିତାଧିକାରୀ ଙ୍କୁ କେତେ ବିହନ ବଣ୍ଟନ ହୋଇଛି ତାହା ଜାଣିବା ପାଇଁ ଭେଲୋରା ପଞ୍ଚାୟତ ର ଜୟନ୍ତ ଭଦ୍ର ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ।ତଥ୍ୟ ଆଧାର ରେ ଅଭିଯୋଗ କାରୀ ବିହନ ବଣ୍ଟନ ରେ ବ୍ୟାପକ ଅନିୟମିତତା ହୋଇଥିବା ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ଆଜି ତା'ର ତଦନ୍ତ ହୋଇଛି। ତଦନ୍ତ ରେ ଚାଷୀ ମାନଙ୍କ ର ଜାଲ ଦସ୍ତଖତ,କମ ବିହନ ନେଇ କାଗଜପତ୍ର ରେ ଅଧିକ ଦର୍ଶାଯାଇଥିବା , ପଞ୍ଚାୟତ ରେ ନାମ ନଥିବା ଚାଷୀ ମାନଙ୍କୁ ବିହନ ଦିଆଯାଇଥିବା ଜଣାପଡିବା ପରେ ଅଭିଯୋଗ କାରୀ ଓ ଚାଷୀ ମାନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗିଥିଲା। ତେବେ ବିହନ ବଣ୍ଟନ ରେ ଅନୀୟମିତତା ହୋଇଥିବା ଅଧିକାରୀ ମାନେ ସ୍ୱିକାର କରିଥିଲେ। ତେବେ ଉକ୍ତ ଘଟଣା ସମୟରେ ତତ୍କାଳିନ ଭିଏଡବ୍ଲୁ ଗଣେଶ ଚନ୍ଦ୍ର ପରିଡା ଙ୍କ ଦ୍ୱାରା ଜାଲିଆତି ହୋଇଥିବା ଜଣାପଡିଥିଲା। ଘଟଣାସ୍ଥଳରେ ଭେଲୋରା ପଞ୍ଚାୟତ ର ସରପଞ୍ଚ ଦୂର୍ଗା ରାଣୀ ଜେନା,ସମିତି ସଦସ୍ୟ ଅନାଦୀ ଦାସ,କୃଷକ ସାଥୀ ରବିନ୍ଦ୍ର ମୁଖି ଉପସ୍ଥିତ ଥିଲେ। ସେହିପରି ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡା ଗ୍ରାମ ର ଯୋଗେନ୍ଦ୍ର କୁମାର ଦତ ଜିଲ୍ଲା କୃଷି ଅଧିକାରୀ ଙ୍କୁ ତଥ୍ୟ ମାଗିଥିଲେ ।ତଥ୍ୟ ଆଧାର ରେ ଅଭିଯୋଗ କାରୀ ବିହନ ବଣ୍ଟନ ରେ ବ୍ୟାପକ ଅନିୟମିତତା ହୋଇଥିବା ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ, ଭିଜିଲାନ୍ସ ବିଭାଗ ସହିତ ମୁଖ୍ୟମନ୍ତ୍ରୀ ଙ୍କୁ ଜଣାଇବା ପରେ ଆଜି ଜିଲ୍ଲା କୃଷି ଅଧିକାରୀ ତୁଷାର କାନ୍ତି ଟୁଙ୍ଗ, ବ୍ଲକ କୃଷି ଅଧିକାରୀ ଶ୍ରଦ୍ଧା ହୋତା, ସହକାରୀ କୃଷି ଅଧିକାରୀ ବୈ ।ଦ୍ଧିକ ଚାନ୍ଦିନୀ ମଲ୍ଲିକ,ଭିଏଡବ୍ଲୁ ପୁଷ୍ପିତା ଦାସ, ପହଞ୍ଚି ନଟାକଟା ପଞ୍ଚାୟତ ଅଫିସ୍ ରେ ବସି ଆଲୋଚନା ପର୍ଯ୍ୟାଲୋଚନା ପରେ ସବୁ ଠିକ୍ ଠାକ୍ ଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବନ୍ଦନା ସେଠୀ,ଚାଷୀ ପିତାମ୍ବର ପାଣି , ବିଶ୍ୱଜିତ ନାୟକ, ଶମ୍ଭୁନାଥ ସେଠୀ ଉପସ୍ଥିତ ଥିଲେ।

# ଅଙ୍ଗନବାଡି କର୍ମୀଙ୍କ କବଜାରେ ଅଙ୍ଗନୱାଡ଼ି କେନ୍ଦ୍ର

## ନିୟମିତ ଭାବେ ହେଉନାହିଁ ପାଠପଢା ଓ ମିଳୁନି ପୁଷ୍ଟିକର ଖାଦ୍ୟ,ଅଭିଯୋଗ ଆଣିଲେ ୫ଟି ଗାଁ ଲୋକେ

ଲାଞ୍ଜିଗଡ,୦୧/୧୨ (ନି.ପ୍ର): ମହିଳା ଓ ଶିଶୁ ବିକାଶ ନିମନ୍ତେ ସମ୍ମନିତ ଶିଶୁ ବିକାଶ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଦିବାସୀ ଅଧୁଷିତ ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ଏହି ଯୋଜନାରେ ବାଟବଣା ହୋଇଛି । ବର୍ଷ ବର୍ଷ ଧରି ବ୍ଲକର ଉପାନ୍ତ ଅଞ୍ଚଳର ଅତ୍ୟାଧିକ ଅଙ୍ଗନୱାଡ଼ିକେନ୍ଦ୍ର ବିଭିନ୍ନ ସମୟରେ ବନ୍ଦ ରହୁଛି ।ଯାହା ଫଳରେ ଅନେକ କେନ୍ଦ୍ରରେ ନିୟମିତ ଭାବେ ହେଉନାହିଁ ପାଠପଢା କିମ୍ବା ମିଳୁନି ପୁଷ୍ଟିକର ଖାଦ୍ୟ ।ଯାହା ଫଳରେ ୩ରୁ ୫ ବର୍ଷ ମଧ୍ୟରେ ଥିବା ଅଧିକାଂଶ ପିଲା ଶିକ୍ଷା ଦାନରୁ ବଞ୍ଚିତ ରହୁଥିବା ବେଳେ ଶିଶୁ,ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଅଣ୍ଡା,ଛତୁଆ ଭଳି ଉଚିତ ପରିମାଣର ଖାଦ୍ୟ ମିଳୁନଥିବା ନେଇ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଅଞ୍ଚଳର ବିଭିନ୍ନ ଗ୍ରାମର ଆଦିବାସୀ ମହିଳା ମାନେ ଅଭିଯୋଗ କରିଛନ୍ତି। ଏହିଭଳି ଅଭିଯୋଗ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୁଷିତ ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଭେଜରାଙ୍ଗ ଅଙ୍ଗନୱାଡ଼ି କେନ୍ଦ୍ରରେ ।କେନ୍ଦ୍ର ଦାଇତ୍ୱରେ ୫ ଗୋଟି ଗାଁ ପାଇକଥୁଆଗୁଡା, ଘୁମେର, ଦୂରପଦର, ଇଜୁରୁପା, ଭେଜରାଙ୍ଗ ରହିଥିବା ବେଳେ କେନ୍ଦ୍ର ଦାଇତ୍ୱରେଥିବା ଅଙ୍ଗବାଡି କର୍ମୀ ଅବନୀ କର କେନ୍ଦ୍ର ଟିକୁ କବଜାକରୀ ସେଠାରେ ଘର କରି ରହୁଛନ୍ତି। ଯାହା ଫଳରେ କୋମଳମତି ଶିଶୁ ମାନେ ଶିକ୍ଷା ଦାନରୁ ବଞ୍ଚିତ ରହୁଛନ୍ତି। ନିୟମିତ ଅଣ୍ଡା, ଛତୁଆ, ରନ୍ଧା ଖାଦ୍ୟ ଓ ପ୍ରାକ ଶିକ୍ଷା ମିଳିପାରୁନି ବୋଲି କେନ୍ଦ୍ର ଅଧୀନରେ ଥିବା ୫ଟି ଗ୍ରାମର ଗ୍ରାମବାସି ସମେତ ମହିଳା ମାନେ ଅଭିଯୋଗ ଆଣିଛନ୍ତି । ଏହା ବ୍ୟତୀତ ୩ କିମ୍ବା ୪ ମାସକୁ ଥରେ ୧୦ଟି ଅଣ୍ଡା ଓ ଛତୁଆ ଗୁଣ୍ଡ ଦିଆଯାଉଛି ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି। ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ ଅଭିଯୋଗ କଲେ କର୍ମୀ ଜଣକ ଗାଳିଗୁଲଜ କରୁଛନ୍ତି ବୋଲି ଆଦିବାସୀ ମହିଳା ମାନେ ପ୍ରକାଶ କରିଛନ୍ତି । ଏହି ସମ୍ପର୍କରେ ସମ୍ମନିତ ଶିଶୁ ବିକାଶ ଅଧିକାରୀ ସିଡିପିଓ,ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଲିଖିତ ଅଭିଯୋଗ ହୋଇଛି ।କିନ୍ତୁ ଏବେ ଯାଏଁ କୌଣସି ପ୍ରକାର ତଦନ୍ତ ହୋଇନାହିଁ ।ଏନେଇ ଅଙ୍ଗବାଡି କର୍ମୀ ଶ୍ରୀମତୀ କରଙ୍କୁ ପଚାରିବାରୁ ମୁଁ ଛତୁଆ ଓ ଅଣ୍ଡା ଦେଉଛି ।କିନ୍ତୁ ୧୨ ଗୋଟି ଅଣ୍ଡା ସ୍ଥାନରେ ୧୦ ଗୋଟି ଅଣ୍ଡା ଦେଉଛି ।ଘର ମୋର ବନା ଚାଲିଛି ।କିଛିଦିନ ମଧ୍ୟରେ କେନ୍ଦ୍ରରୁ ସେ ଘରକୁ ଚାଲିଯିବି ବୋଲି ପ୍ରକାଶ କରିଛନ୍ତି ।ହେଲେ ଆଜିକୁ ୧୫ ବର୍ଷ ହେଲା ଅଙ୍ଗନବାଡି କେନ୍ଦ୍ର ଟିକୁ ଅଙ୍ଗନବାଡି କର୍ମୀ ନିଜେ କବଜା କରିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ବିଭାଗ ପକ୍ଷରୁ କାହିଁକି ପଦକ୍ଷେପ ନିଆ ଯାଉନାହିଁ ବୋଲି ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ କର୍ମିଙ୍କୁ କିଏ ସୁରକ୍ଷା ଦେଉଛି ବୋଲି ବୁଦ୍ଧିଜୀବୀ ମହଲରେ ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ତେବେ ଏହାର ଉଚିତ ଦଦନ୍ତ କରି ଅବହେଳା କରୁଥିବା କର୍ମୀଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମ ବାସି ଦାବି କରିଛନ୍ତି ।ଏନେଇ ଦାଇତ୍ୱରେ ଥିବା ଅଙ୍ଗବାଡି ସୁପର ଭାଇଜର ପଦ୍ମା ମଞ୍ଜରି ପ୍ରଧାନଙ୍କୁ ପଚାରିବାରୁ କେନ୍ଦ୍ରରେ ରହୁଥିବା ଯୋଗୁଁ ମୁଁ ମଧ୍ୟ ମନା କରୁଛି। ସେ ଖାଦ୍ୟ ଦେବାର ଫୋଟ ପଠାଉଛି ।ଯଦି ଲୋକଙ୍କ ଅଭିଯୋଗ ରହିଛି ତାହା ହେଲେ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।

# ଭିସା କାରଖାନା ତରଫରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

କଳିଙ୍ଗନଗର,୦୧/୧୨ (ନି.ପ୍ର): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଅନ୍ୟତମ ଶିଳ୍ପପ୍ରତିଷ୍ଠାନ ଭିସା କାରଖାନା ତରଫରୁ ଭୂମିକା ଚକ୍ଷୁ ଡାକ୍ତରଖାନା ସହଭାଗିତାରେ ନିକଟସ୍ଥ ରୁଗୁରୁଙ୍ଗା, ବାଲୁଙ୍ଗାବନ୍ଧୀ କ୍ଲବ ଗୃହ ପରିସରରେ ଗତ କାଲି ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଆଖପାଖ ଅଞ୍ଚଳର ପ୍ରାୟ ୮୦ ଜଣ ଯୋଗଦାନ କରି ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । ଭିସା କାରଖାନାର ସି.ଏସ.ଆର. ବିଭାଗର କର୍ମଚାରୀ, କାରଖାନାର ଶ୍ରମିକ ସଂଘର କର୍ମଚାରୀ ଓ ଭୂମିକା ଚକ୍ଷୁ ହସ୍ପିଟାଲର ଅଭିଜ୍ଞ ଡାକ୍ତର ଏହି ଶିବିରକୁ ପରିଚାଳନା କରିଥିଲେ ଏହି ଶିବିରରେ ପ୍ରାୟ ୧୫ ଜଣ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲେ ଓ ସେମାନଙ୍କୁ ଭିସା କାରଖାନା ତରଫରୁ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି କାରଖାନାର ସି.ଏସ.ଆର ବିଭାଗ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ ।



ଏହି ଅସ୍ତ୍ରୋପଚାର କରିବାପାଇଁ କାରଖାନା ସମସ୍ତ ଖର୍ଚ୍ଚ ବହନ କରିବ ବୋଲି ସୂଚନା ଦିଆଯାଇଥିଲା । ଆସନ୍ତା ଡିସେମ୍ବର ୪ ତାରିଖରେ କମ୍ପାନୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ସପ୍ତାହେ ବ୍ୟାପି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଯୋଜନା ରହିଅଛି ବୋଲି କାରଖାନାର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର କହିଥିଲେ ଓ ଏହି ଚକ୍ଷୁ ପରୀକ୍ଷା ଶିବିର ନିକଟସ୍ଥ ମାରୁଟିକର, କୁମ୍ଭୀରଗଡ଼ିଆ ଠାରେ ମଧ୍ୟ ତା ୨୮. ୧୧.୨୦୨୪ ରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ ।

# ତିନି ହଜାର ଟଙ୍କା ଭତ୍ତା ବୃଦ୍ଧିନେଇ ବିକାଶ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ

ମୁରିବାହାଲ,୦୧/୧୨ (ନି.ପ୍ର):ତିନି ହଜାର ଟଙ୍କା ଭତ୍ତା ବୃଦ୍ଧିନେଇ ବିକାଶ ପରିଷଦ ପକ୍ଷରୁ ଗୋଷ୍ଠି ଉନ୍ନୟନ ଅଧିକାରିଣୀ ଙ୍କୁ ଦାବି ପତ୍ର ପ୍ରଦାନ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ କୁ କଣ୍ଟାବାଞ୍ଜି ବିକାଶ ପରିଷଦର ସମସ୍ତ କର୍ମକର୍ତ୍ତା ଙ୍କସହ ଅଞ୍ଚଳର ଭତ୍ତା ପାଉଥିବା ଜନ ସାଧାରଣ ସମସ୍ତେ ଏକାଠି ହୋଇ ତିନି ହଜାର ଟଙ୍କା ଭତ୍ତାକୁ ବୃଦ୍ଧି କରିବା ସକାଶେ ଏକ ବିରାଟ ଶୋଭାଯାତ୍ରାରେ ମୁରିବାହାଲ ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚି ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରିଣୀ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ ଙ୍କୁ ଏକ ଦାବି ପ୍ରଦାନ କରିଥିଲେ । ଏଥିରେ କଣ୍ଟାବାଞ୍ଜି ବରିଷ୍ଠ ନେତା ଅଜୟ ଦାସ ସାମିଲ ହୋଇଥିବା ବେଳେ ବିକାଶ ପରିଷଦର ସମସ୍ତ କର୍ମକର୍ତ୍ତା ମାନଙ୍କ ସହ ବହୁ ମାତ୍ରାରେ ଅଞ୍ଚଳର ଜନସାଧାରଣ ମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

# ଇଫ୍‌କୋ ଏମ୍‌ଡି ଡ. ୟୁଏସଅୱସ୍ଥିଙ୍କୁ ଇଣ୍ଟରନ୍ୟାସନାଲ କୋଅପରେଟିଭ ଆଲାଏନ୍ସର ରୋଚଡେଲ ପାୟୋନିୟର୍ସ ଆୱାର୍ଡ ପ୍ରଦାନ

ନୂଆଦିଲ୍ଲୀ : ଭାରତୀୟ କୃଷକ ସାର ସମବାୟ ଲିମିଟେଡ (ଇଫକୋ)ର ପରିଚାଳନା ନିର୍ଦ୍ଦେଶକ ଡ.ୟୁ.ଏସ.ଅୱସ୍ଥିଙ୍କୁ ଇଣ୍ଟରନ୍ୟାସନାଲ କୋଅପରେଟିଭ ଆଲାଏନ୍ସ (ଆଇସିଏ)ର ୨୦୨୪ ରୋଚଡେଲ ପାୟୋନିୟର୍ସ ପୁରସ୍କାର ପ୍ରଦାନ କରାଯାଇଛି। ଡ.ଭର୍ଗିଜ କୁରିଏନଙ୍କ ପରେ ଡ.ଅୱସ୍ଥି ଦ୍ୱିତୀୟ ଭାରତୀୟ ଭାବରେ ଏହି ପୁରସ୍କାର ଲାଭ କରିଛନ୍ତି। ଡ.କୁରିଏନ୍ ୨୦୦୧ରେ ଏହି ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୦ରେ ସ୍ଥାପିତ ରୋଚଡେଲ ପାୟୋନିୟର୍ସ ପୁରସ୍କାର ଆଇସିଏ ପକ୍ଷରୁ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ପୁରସ୍କାର ଅଟେ। ଏହା ଚୋଚଡେଲଙ୍କ ଚିଂାଧାରାକୁ ନେଇ ଜଣେ ବ୍ୟକ୍ତିବିଶେଷ ଅଥବା ସ୍ୱତନ୍ତ୍ର କ୍ଷେତ୍ରରେ ଏକ ସମବାୟ ସଂଗଠନକୁ ନବୋନ୍ମେଷୀ ଏବଂ ଆର୍ଥିକ ଦୃଷ୍ଟିରୁ ଦୀର୍ଘସ୍ଥାୟୀ ସମବାୟ କାର୍ଯ୍ୟକଳାପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରଦାନ କରିଥାଏ, ଯେଉଁ ପ୍ରୟାସ ଦ୍ୱାରା ସେମାନଙ୍କର ସଦସ୍ୟମାନଙ୍କୁ ଉଲ୍ଲେଖନୀୟ ଫାଇଦା ପହଞ୍ଚିଥିବ। ଡ.ଅୱସ୍ଥି କହିଥିଲେ, 'ଆଇସିଏର ଏହି ସମ୍ମାନଜନକ ପୁରସ୍କାର ଲାଭ କରି ମୁଁ ନିଜକୁ ଅତ୍ୟନ୍ତ ସମ୍ମାନିତ ଓ ଗୌରବାନ୍ୱିତ



ମନେକରୁଛି। ଏହି ପୁରସ୍କାର ସମ୍ମାନନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ସହକାର୍ ସେ ସମୃଦ୍ଧି' ଦୂରଦୃଷ୍ଟିକୁ ନିଜ ସହିତ ବହନ କରୁଛି ଏବଂ ସମ୍ମାନନୀୟ ସହକାରିତା ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କର ମାର୍ଗଦର୍ଶନ ଓ ଅଦମ୍ୟ ନେତୃତ୍ୱ ଅଧୀନରେ ଇଫ୍‌କୋର ଅନନ୍ୟ ପ୍ରୟାସଗୁଡିକ ସମ୍ପର୍କରେ ଆଲୋକପାତ କରୁଛି। ଭାରତର ସମବାୟ ଆନ୍ଦୋଳକୁ ବିଶ୍ୱ ମଞ୍ଚକୁ ଉନ୍ନୀତ କରିବା ନିମନ୍ତେ ଆମେ ଉତ୍ସର୍ଗୀକୃତ ରହିଛୁ। ଏହି ସ୍ୱୀକୃତି ନିମନ୍ତେ ମୁଁ ଇଣ୍ଟରନ୍ୟାସନାଲ କୋଅପରେଟିଭ ଆଲାଏନ୍ସ ଏବଂ ବିଶ୍ୱ ସମବାୟ ବିରାଦିରଙ୍କୁ ମୋର ଅନ୍ତରର କୃତଜ୍ଞତା ଜଣାଉଛି, ଯାହା ଆମକୁ ସମବାୟର ମୂଳତତ୍ତ୍ୱକୁ ଧରି ରଖିବା ଏବଂ ବିଶ୍ୱସ୍ତରରେ ତାହାକୁ ପହଞ୍ଚାଇବା ନିମନ୍ତେ ପ୍ରେରଣା ଦେଉଛି।' ଇଫ୍‌କୋର ନୂତନ ସ୍ୱଦେଶୀ ସ୍ତରରେ ବିକଶିତ ଉତ୍ପାଦ ନାନୋ ୟୁରିଆ ଏବଂ ନାନୋ ଡିଏପି ସମଗ୍ର ରାଷ୍ଟ୍ରରେ କୃଷକମାନଙ୍କ ଦ୍ୱାରା ଅତି ଆନନ୍ଦର ସହିତ ବ୍ୟବହାର କରାଯାଉଛି ଏବଂ ଏହି ଉତ୍ପାଦଗୁଡିକର ଗ୍ରହଣୀୟତା ଭାରତର ପ୍ରତ୍ୟେକ କୋଣ ଅନୁକୋଣ ଏବଂ ପଡୋଶୀ ରାଷ୍ଟ୍ରଗୁଡିକରେ କୃଷକମାନଙ୍କ ଦ୍ୱାରା ବ୍ୟାପକ ପରିଲକ୍ଷିତ ହେଉଛି। ବିଦେଶୀ ରାଷ୍ଟ୍ରଗୁଡିକ ସେମାନଙ୍କୁ ନାନୋ ସାର ଯୋଗାଣ ନିମନ୍ତେ ଇଫ୍‌କୋକୁ ପ୍ରସ୍ତାବ ଦେଉଛନ୍ତି ଏବଂ ଆମେ ନିକଟ ଭବିଷ୍ୟତରେ ଆଉ ୨୫ଟି ବିଦେଶୀ ରାଷ୍ଟ୍ରକୁ ନାନୋ ସାର ରପ୍ତାନି କରିବା ଯୋଜନା ରଖିଛୁ। ଇଫ୍‌କୋ ୪୪ ଲକ୍ଷ ବୋତଲ ନାନୋ ଡିଏପି ଲିକ୍ୱିଡ ଉତ୍ପାଦନ ଏବଂ ୨.୦୪ କୋଟି ବୋତଲରୁ ଅଧିକ ନାନୋ ୟୁରିଆ ଲିକ୍ୱିଡ ବିକ୍ରି କରି ଉଲ୍ଲେଖନୀୟ ପରିଚାଳନାଗତ ସଫଳତା ହାସଲ କରିଛି। ଏହା ୮୦,୦୦୦ କ୍ଷେତ୍ରୀୟ ପ୍ରଦର୍ଶନ ପରିଚାଳନା କରିବା ସହିତ ୮୦,୦୦୦ରୁ ଅଧିକ ଚାଷୀ ଏବଂ ୧୫୦୦ ଗ୍ରାମ୍ୟ ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିଛି। ଏହାର ମୋଟ ସାର ଉତ୍ପାଦନ ୮୮.୯୫ ଲକ୍ଷ ଟନ୍‌ରେ ପହଞ୍ଚିଛି, ଯେଉଁଥିରେ ୪୮.୮୫ ଲକ୍ଷ ଟନ୍ ୟୁରିଆ ଏବଂ ୪୦.୧୯ ଲକ୍ଷ ଟନ୍ ଏନପିକେ, ଡିଏପି, ଡବ୍ଲ୍ୟୁଏସଏଫ ଏବଂ ସ୍ପେଶାଲିଟି ସାର ରହିଛି। ଏହାର ଘରୋଇ ଏବଂ ଆନ୍ତର୍ଜାତିକ ବଜାରରେ ମୋଟ ବିକ୍ରି ପରିମାଣ ୧୧୨.୨୬ ଲକ୍ଷ ଟନ୍ ହୋଇଛି, ଯାହା ଅର୍ଗାନିକ ଏବଂ କେମିକାଲ ସାର ବ୍ୟବହାରକୁ ଅଧିକ ଆଗେଇ ନେଉଛି।

# ଓଡ଼ିଶା ଦଳିତ ଅଧିକାର ମଞ୍ଚ ବୌଦ୍ଧ ତରଫରୁ ସମ୍ବିଧାନ ଦିବସ ପାଳିତ

ବୌଦ୍ଧ,୦୧/୧୨ (ନି.ପ୍ର): ଓଡ଼ିଶା ଦଳିତ ଅଧିକାର ମଞ୍ଚ ବୌଦ୍ଧ ଓ ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଅଛି । ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଜହଂସ ଙ୍କ ନେତୃତ୍ୱରେ କୋର୍ଟ ସ୍ଥିତ ବାବା ସାହେବ୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ବହୁ ଆଡ଼ମ୍ବର ଜନ ସମାଗମ ରେ ପୁଷ୍ପମାଲ୍ୟ ପ୍ରଦାନ କରଯାଇଥିଲା । ଏହି ଆଲୋଚନା ଚକ୍ରରେ ଓଡ଼ିଶା ଦଳିତ ଅଧିକାର ମଞ୍ଚ ର ଆଗାମୀ ଦିନରେ ହେବାକୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଜହଂସ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ କୋଷାଧ୍ୟକ୍ଷ ଟିକ ବେହେରା, ଶ୍ରମିକ ନେତା ଅବକାଶ ସାହୁ, ହୃଦାନନ୍ଦ ବେହେରା , ପରମେଶ୍ୱର ବେହେରା , ଗୌତମ କୁମ୍ଭାର , ଝାରୁ ଭୋଇ , କଣ୍ଠଶିଳ୍ପୀ ସୁଜ୍ଞାନ ବାଘ, ଅର୍ଜୁନ ବେହେରା , ବାମନ ବେହେରା, ଚିତ୍ତରଞ୍ଜନ ବେହେରା ଯୋଗ ଦେଇଥିଲେ ।

# ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ପାଇଁ ଅନ୍ତର୍ଭୁକ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ,୦୧/୧୨ (ନି.ପ୍ର):ହରଭଙ୍ଗା ବ୍ଲକ ପୁରୁଣା କଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ର ଯୁବ ରେଡକ୍ରସ୍ ଅନୁକୁଲ୍ୟରେ ସ୍ୱେଚ୍ଛାସବୀ ମାନଙ୍କ ପାଇଁ ଅନ୍ତର୍ଭୁକ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ରମେଶ ଚନ୍ଦ୍ର ତାରେଣିଆ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟାପକ ଲଳିତ କୁମାର ମେହେର,ରଞ୍ଜିତ କୁମାର ସାମଲ, ଅଧ୍ୟାପିକା ସୁଷମା ରାଣୀ ବୋହିଦାର ,ସୁଭ୍ରମଳିକା ପ୍ରଧାନ,ପୂଜା ରାଣୀ ଦେଓ,ଦମୟନ୍ତୀ ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।ମହାବିଦ୍ୟାଳୟର ଅଧ୍ୟାପକ ତଥା ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜୋକ




ସୁରେଶ୍ୱର ଯୋଶୀ ରେଡ଼କ୍ରସ ର ଆରମ୍ଭ, ଯୁବ ରେଡକ୍ରସ୍ ର ଲକ୍ଷ୍ୟ ଉଦ୍ଦେଶ୍ୟ, ସ୍ୱେଚ୍ଛାସେବୀ ମାନଙ୍କର ଭୂମିକା, ସ୍ୱାସ୍ଥ୍ୟ, ସେବା ଏବଂ ବନ୍ଧୁତା ମାଧ୍ୟମରେ ସମାଜ ସେବା ଉପରେ ତାଲିମ ପ୍ରଦାନ କରିଥିଲେ। ସାର୍ ଜନ ହେନେରୀ ଦୁନାଣ୍ଟ ଙ୍କ ସଂଘର୍ଷ ମୟ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୫୦ ଜଣ ଯୁବ ସ୍ୱେଚ୍ଛସେବୀ ଯୋଗଦାନ କରିଥିଲେ ।ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁବ ରେଡ୍ କ୍ରସ୍ ଶିବିର ଉଦ୍‌ଯାପିତ

ଚିକିଟୀ, ୦୧/୧୨ (ନି.ପ୍ର):ଚିକିଟୀ ମହାବିଦ୍ୟାଳୟ ଯୁବ ରେଡ୍ କ୍ରସ୍ ଦ୍ୱାରା ମହାବିଦ୍ୟାଳୟ ପରିସରରେ ଏକ ତିନି ଦିନିଆ ଜିଲ୍ଲା ସ୍ତରୀୟ ଯୁବ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀ ଶିକ୍ଷା ଓ ତାଲିମ୍ ଶିବିର ଗତ ୨୩ ନଭେମ୍ବର ୨୦୨୪ ଠାରୁ ଆରମ୍ଭ ହୋଇ ୨୫ନଭେମ୍ବର ୨୦୨୪ ରେ ଶେଷ ହୋଇଛି। ଭାରତୀୟ ରେଡ୍ କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ପ୍ରଯୋଜିତ ଏହି ଶିବିରକୁ ନଭେମ୍ବର ୨୩ ତାରିଖ ଦିନ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଯୁବ ରେଡ୍ କ୍ରସ୍ ଗଞ୍ଜାମର ଚେୟାର ପର୍ସନ ଡଃ ଅଜୟ କୁମାର ତ୍ରିପାଠୀ ଉଦ୍ଘାଟନ କରିଥିଲେ ।ଏହି ଶିବିରରେ ଗଞ୍ଜାମ ଜିଲ୍ଲାର ୧୭ଟି ମହାବିଦ୍ୟାଳୟରୁ ୧୧୦ ଜଣ ସ୍ୱେଚ୍ଛାସେବୀ ଓ କାଉନସିଲ୍ ଯୋଗ ଦେଇଥିଲେ ।ଚିକିଟୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଭବାନୀ ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୮ଟି ଟ୍ରେନିଂ ସେସନ୍ ସହିତ ବିଭିନ୍ନ ସାହିତ୍ୟିକ ଓ ସଂସ୍କୃତିକ ପ୍ରତିଯଗିତା ମାନ କରାଯାଇଥିଲା । ରେଡ୍ କ୍ରସ୍‌ର ଇତିହାସ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ଚିକିତ୍ସା, ସାଇବର ସୁରକ୍ଷା, ସଡ଼କ ଦୁର୍ଘଟଣା, ବିପର୍ଯ୍ୟୟ ପରିଚାଳନା ଓ ରକ୍ତଦାନ ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ତାଲିମ ଦିଆଗଲା। ମହାବିଦ୍ୟାଳୟର ଯୁବ ରେଡ୍ କ୍ରସ୍ ଅଧିକାରୀ ଡଃ ରାମଶଙ୍କର ପଟ୍ଟନାୟକ ଓ ଶ୍ରୀ ଆଶୁତୋଷ ସାହୁ ଦ୍ୱାରା ପରିଚାଳିତ ଏହି ଶିବିରରେ ଗଞ୍ଜାମ ଯୁବ ରେଡ୍ କ୍ରସ୍ ଉପଦେଷ୍ଟା ଶ୍ରୀ ବି ଗୋବିନ୍ଦ ରାଓ, ଶ୍ରୀ ଲୋକନାଥ ମହାନ୍ତି ଯୋଗା ଦେଇ ଶିବିର ପରିଚାଳନାରେ ସହାୟତା କରିଥିଲେ। ଶିବିରର ଦ୍ୱିତୀୟ



ଦିନରେ ସମସ୍ତ ସ୍ୱେଚ୍ଛା ସେବୀ ମାଆ ବାଳକୁମାରୀଙ୍କ ଦର୍ଶନ କରିବା ସହ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରଣେ କରିଥିଲେ । ତୃତୀୟ ଦିନରସେମାନେ ଚିକିଟୀଗଡ ଅଞ୍ଚଳରେ ଏକ ବିଶାଳ ରାଲି କରି ଲୋକଙ୍କୁ ବିଭିନ୍ନ ରୋଗ ଓ ବିପଦ ସମ୍ପର୍କରେ ସଚେତନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ ସନ୍ତୋଷ କୁମାର ବକ୍ସି , ଶ୍ରୀ ସନାତନ ଗୌଡ଼, ଶ୍ରୀ ସୁନୀଲ କୁମାର ପଣ୍ଡା , ସୁନୀଲ କୁମାର ପାଢ଼ୀ ଓ ଡଃ ସଞ୍ଜୟ କୁମାର ପଣ୍ଡା ଶ୍ରୀ ରାଧାକାନ୍ତ ପାଢ଼ୀ, ଶ୍ରୀ ତାରାପ୍ରସାଦ ପାଣିଗ୍ରାହୀ, ଶ୍ରୀ କାହ୍ନୁ ଚରଣ ଜେନା ପ୍ରମୁଖ ସ୍ୱେଚ୍ଛା ସେବୀ ମାନଙ୍କୁ ଉତ୍ସାହ ଜଣାଇବା ସହ ଶିବିର ପରିଚାଳନାରେ ସୋହଯୋଗ କରିଥିଲେ। ଶିବିରର ଶେଷ ଦିନ ଉଦଯାପନୀ ଉତ୍ସବରେ ଅରୁଣା ଏନ୍.ଜି.ଓର ଡାଇରେକ୍ଟର ଶ୍ରୀ ଲୋକନାଥ ମିଶ୍ର ଯୋଗ ଦେଇ ସ୍ୱେଚ୍ଛା ସେବା ଓ ସ୍ୱେଚ୍ଛା ସେବୀର ମହତ୍ତ୍ୱ ବୁଝାଇଥିଲେ। ଶେଷରେ ପ୍ରତିଯୋଗିତାର ବିଜେତା ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।ଚିକିଟୀ ମହାବିଦ୍ୟାଳୟ ର ପାଠାଗାର ଅଟେନ୍ଦେଣ୍ଟ ଶ୍ରୀ କେ . ଆନନ୍ଦ ସୁବୁଦ୍ଧିଙ୍କୁ ୬୦ରୁ ଅଧିକ ଥର ରକ୍ତଦାନ କରିଥିବାରୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ପୂର୍ବତନ ଯୁବ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀ ତ୍ରୟମ୍ବକ ମହାପାତ୍ର, ପି . ଐଶାରୀୟା ରାଓ ଓ ବନ୍ଦନା ସାହୁ ତାଙ୍କର ନିଶ୍ୱାର୍ଥ ପର ଶ୍ୱେଚ୍ଛା ସେବା ପାଇଁ ପୁରସ୍କୃତ କରାଯାଇଥିଲା।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ